## ସଂକ୍ଷେପରେ

### ପାଣିରେ ପଡ଼ି ଶିଶୁପୁତ୍ର ମୃତ

**ଭଣ୍ଡାରିପୋଖରୀ, ୩୧।୧୦ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ଥାନା ଅଧୀନ ମୋବାରକପୁର ମୁଣ୍ଡାସାହିର ଜଣେ ୩ବର୍ଷର ଶିଶୁପୁତ୍ରଙ୍କର ବୁଧବାର ସନ୍ଧ୍ୟାରେ ପୋଖରୀରେ ପଡ଼ି ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଦୀନବନ୍ଧୁ ମୁଣ୍ଡାଙ୍କ ଶିଶୁପୁତ୍ର ଦୀପକ(୩)। ସୂଚନା ଅନୁଯାୟୀ, ପରିବାର ଲୋକଙ୍କ ଅସାବଧାନତା ଯୋଗୁ ଦୀପକ ବୁଧବାର ସନ୍ଧ୍ୟାରେ ପୋଖରୀକୁ ଯାଇ ବୁଡ଼ିଯାଇଥିଲେ। ପରିବାର ଲୋକ ଖୋଜାଖୋଜି କରି ରାତି ପ୍ରାୟ ୮ଟା ବେଳେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ଗୁରୁବାର ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା।

### କ୍ଷୁରରେ ଆକ୍ରମଣ: ଜଣେ ଗୁରୁତର

**ଭଦ୍ରକ ଅଫିସ, ୩୧।୧୦:** ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଗୁରୁବାର ଅପରାହ୍ନରେ କ୍ଷୁରମାଡ଼ ଅଭିଯୋଗ। ବଡ଼ଭାଇଙ୍କୁ ବଞ୍ଚାଇବାକୁ ଯାଇ ସାନଭାଇ କ୍ଷୁରମାଡ଼ରେ ଗୁରୁତର ହୋଇ ଭଦ୍ରକ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଆହତ ଜଣଙ୍କ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ବରାଙ୍ଗ ପଲେଇସାହିର ଉଜ୍ୱଳ ପଲେଇ। ସୂଚନା ଅନୁସାରେ, ଗାଁର ଉପେନ୍ଦ୍ର ପଲେଇଙ୍କ ସହ ସେହି ଗାଁର ଜଣେ ବ୍ୟକ୍ତିଙ୍କର ପ୍ରଧାନମନ୍ତ୍ରୀ ଆବାସକୁ ନେଇ ଝଗଡ଼ା ହୋଇଥିଲା। ଉପେନ୍ଦ୍ର ଇଚ୍ଛାପୁର ବଜାରରେ ଥିବା ସାନଭାଇ ଉଜ୍ୱଳଙ୍କ ଦୋକାନରେ ବସିଥିବା ବେଳେ ଉକ୍ତ ବ୍ୟକ୍ତି ତାଙ୍କୁ କ୍ଷୁରରେ ଆକ୍ରମଣ ଉଦ୍ୟମ କରିଥିଲେ। ଏହି ସମୟରେ ଉଜ୍ୱଳ ଅଟକାଇବାରୁ ସେ ତାଙ୍କୁ କ୍ଷୁରରେ ଆକ୍ରମଣ କରିଥିଲେ। ଏ ନେଇ ଉପେନ୍ଦ୍ରଙ୍କ ଅଭିଯୋଗ କ୍ରମେ ଗ୍ରାମାଞ୍ଚଳ ଥାନା ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

### ବିଜେଡିର ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ

**ଧାମନଗର, ୩୧।୧୦ (ଡି.ଏନ.ଏ.):** ଧାମନଗର ବିଜେଡିର ଜନସମ୍ପର୍କ ପଦଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଦୋବଲ ବଜାରରୁ ପଦଯାତ୍ରା ବାହାରି ସୋଧସ୍ଥିତ ସୁବର୍ଣ୍ଣମୁଖୀ ମନ୍ଦିର ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି ବ୍ଲକ ସମ୍ପାଦକ ରାମଚନ୍ଦ୍ର ସାହୁ ଏଥିରେ ଅଧକ୍ଷତା କରିଥିଲେ। ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ, ବରିଷ୍ଠ ନେତା ନିତ୍ୟାନନ୍ଦ ଦ୍ୱିବେଦୀ, ପୂର୍ବତନ ବ୍ଲକ ଅଧକ୍ଷ ବିନୋଦ ନାୟକ, ଯୁବନେତା ଉମେଶ ଚନ୍ଦ୍ର ମହାନ୍ତି, ସୁଶାନ୍ତ ରାଉତ ଓ ପୂର୍ବତନ ସରପଞ୍ଚ ଅତିଶ କୁମାର ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ଦଳୀୟ ସଙ୍ଗଠନକୁ ମଜ୍‌ଭୁତ କରିବାକୁ ନେତାମାନେ ଆହ୍ୱାନ ଦେଇଥିଲେ।

### ତେନ୍ତୁଲିଡିହୀରେ ଉପନିର୍ବାଚନ ପାଇଁ ନାମାଙ୍କନ ଦାଖଲ



**ଚାନ୍ଦବାଲି, ୩୧।୧୦ (ଡି.ଏନ.ଏ.):** ଚାନ୍ଦବାଲି ବ୍ଲକ ତେନ୍ତୁଲିଡିହୀ ପଞ୍ଚାୟତରେ ସରପଞ୍ଚଙ୍କ ଦେହାନ୍ତ ପରେ ଖାଲିପଡ଼ିଥିବା ପଦବୀ ପାଇଁ ଉପନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ନିର୍ବାଚନ ବିଗୁଲ ବାଜିବାର ପ୍ରଥମ ଦିନରେ ବିଜେଡି ପକ୍ଷରୁ ପ୍ରଚାର ଜୋରଦାର କରାଯାଇଛି। ଯୁବନେତା ପ୍ରିନ୍ସ ରାକେଶ ନାୟକଙ୍କ ନେତୃତ୍ୱରେ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ପ୍ରତାପ ବିଶ୍ୱାଳ ସମର୍ଥକଙ୍କ ଦ୍ୱାରା ଏକ ରାଲିରେ ଆସି ବ୍ଲକ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିପକ୍ଷରେ ପୂର୍ବତନ ସରପଞ୍ଚଙ୍କ ସ୍ତ୍ରୀ ପ୍ରାର୍ଥୀ ହୋଇଥିବାରୁ ଏଥର ତେନ୍ତୁଲିଡିହୀ ପଞ୍ଚାୟତରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇପାରେ ବୋଲି ଆଲୋଚନା ହେଉଛି।

## ଭଦ୍ରକ କାଳୀପୂଜାର ୫ମ ଦିନ

# ପୂଜା ମଣ୍ଡପରେ ପ୍ରବଳ ଭିଡ଼

**ଭଦ୍ରକ ଅଫିସ, ୩୧।୧୦**

ଭଦ୍ରକ ଐତିହାସିକ କାଳୀପୂଜା ପାଇଁ ଚରମ୍ପା ଅଞ୍ଚଳ ଝଲସୁଛି। ଗୁରୁବାର ଥିଲା ପୂଜାର ୫ମ ଦିନ। ଲକ୍ଷାଧିକ ଜନସମାଗମକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଛି। ପୂର୍ବାହ୍ନରୁ ବିଭିନ୍ନ ପୂଜା ମଣ୍ଡପରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପାଗ ଅନୁକୂଳ ଥିବା କାରଣରୁ ବ୍ୟବସାୟୀ ଓ ଆୟୋଜକଙ୍କ ମନରେ ଖୁସି କହିଲେ ନ ସରେ। ପଥରକାଳୀ ଅପେରା ପ୍ରଦର୍ଶନ ପଡ଼ିଆ ନିକଟରେ ଯୁବପିଢ଼ିଙ୍କ ପ୍ରବଳ ଭିଡ଼ ଜମିଥିଲା। ସେହିପରି ପୁରୁଣା ଓଏସ୍‌ଆର୍‌ଟିସି ପଡ଼ିଆ, ପଥର କାଳୀପଡ଼ିଆରେ ଲାଗିଥିବା ମିନାବଜାର ନିକଟରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସହରର ସମସ୍ତ ମୁଖ୍ୟରାସ୍ତା ତଥା ଚରମ୍ପା ଅଞ୍ଚଳ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ରଙ୍ଗିନ ଆଲୋକରେ ଆଖି ଝଲସାଉଛି। ତେବେ ଲୁଟେରାଙ୍କ ଟାର୍ଗେଟରେ କାଳୀପୂଜା ବଜାର। ମୋବାଇଲ ଓ ପର୍ସ ଲୁଟେରାଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗୁରୁବାର ୩ ଜଣ ଲୁଟେରାଙ୍କୁ ପୋଲିସ କାବୁ କରି ଜେରା କରିଥିଲା। ଚଳିତବର୍ଷ କାଳୀପୂଜାରେ ୫ରୁ ଊର୍ଦ୍ଧ୍ୱ ମୋବାଇଲ ଚୋରି ହୋଇଥିବା ଜଣାପଡ଼ିଛି।



କାଳୀପୂଜାରେ ଲୋକଙ୍କ ଭିଡ଼।

## ଜଗଦ୍ଧାତ୍ରୀ ବେଶରେ ମା' ଭଦ୍ରକାଳୀ

**ଭଦ୍ରକ ଅଫିସ,୩୧।୧୦**

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ସପ୍ତମାତୃକା ବେଶର ୫ମ ଦିନରେ ଗୁରୁବାର ଜଗଦ୍ଧାତ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ମା'ଙ୍କର ଏହି ବେଶ ଦର୍ଶନ କରିବାକୁ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଜଗଦ୍ଧାତ୍ରୀ ବେଶରେ ମା'ଙ୍କର ବାଘ ବାହନ ଥିବାବେଳେ ମୁଖମଣ୍ଡଳ କୃଷ୍ଣବର୍ଣ୍ଣ ଥିଲା। ମା' ନାଲିପାଟ ବସ୍ତ୍ର ପରିଧାନ କରିଥିବାବେଳେ ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଥିଲେ। ମା' ହସ୍ତରେ ଶଙ୍ଖ, ଚକ୍ର, ଗଦା, ଖଡ୍‌ଗ ଧାରଣ କରି ଚତୁର୍ଦ୍ଧାମୂର୍ତ୍ତିରେ ପ୍ରକଟ ହୋଇଥିଲେ। ମା'ଙ୍କର ଏହି ବେଶ ସହିତ ମନ୍ଦିର ବାହାରେ ନିର୍ମିତ ବାଲୁଆଲି ମୂର୍ତ୍ତି ଦେଖିବା ଲାଗି ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଜଗଦ୍ଧାତ୍ରୀ ବେଶରେ ମା'ଙ୍କୁ ଦର୍ଶନ କଲେ ଭକ୍ତଙ୍କ ମାନସିକ ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ଆଦ୍ୟାଶକ୍ତି ମା'ଭଦ୍ରକାଳୀ ସୃଷ୍ଟିର ସମସ୍ତ ଶକ୍ତିର ଅଧିକାରିଣୀ ଜଗତର ପାଳନ କର୍ତ୍ତା। ସମସ୍ତ ଜୀବ, ପ୍ରାଣୀ ଓ ଉଦ୍ଭିଦ ଜଗତ, ଜଳ, ସ୍ଥଳ ସର୍ବତ୍ର ତାଙ୍କର ସତ୍ତା ଉପଲବ୍ଧି ହେଉଛି। ଶୁକ୍ରବାର ମା' ପଦ୍ମାସନା ହଂସ ବାହନରେ ମହାସରସ୍ୱତୀ ବେଶରେ ଦର୍ଶନ ଦେବେ।



ମା' ଭଦ୍ରକାଳୀ ଗୁରୁବାର ଜଗଦ୍ଧାତ୍ରୀ ବେଶରେ ଦର୍ଶନ ଦେଉଛନ୍ତି।



ବାସୁଦେବପୁର ବ୍ଲକ ରୋଡ୍ କାଳୀପୂଜା ମଣ୍ଡପ।



ବାସୁଦେବପୁର କଚେରି ବଜାର କାଳୀପୂଜା ମଣ୍ଡପ।

## କାଳୀପୂଜା ମଣ୍ଡପ ବୁଲିଲେ ପିସିସି ସଭାପତି

**ଭଣ୍ଡାରିପୋଖରୀ, ୩୧।୧୦(ଡି.ଏନ.ଏ.)**

ପିସିସି ସଭାପତି ତଥା ଭଣ୍ଡାରି ପୋଖରୀ ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳରେ ମା'କାଳୀଙ୍କ ପୂଜା ମଣ୍ଡପ ପରିଦର୍ଶନ କରିଥିଲେ। ପ୍ରାରମ୍ଭରେ ସେ ଦଳୀୟ କାର୍ଯ୍ୟାଳୟ ରାଜୀବ ଭବନଠାରେ ପହଞ୍ଚିବା ପରେ ଦଳ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଭଣ୍ଡାରିପୋଖରୀ ବଜାର କାଳୀମଣ୍ଡପ ପରିଦର୍ଶନ ସମୟରେ ପୂଜା କମିଟି ପକ୍ଷରୁ ସଭାପତି ଯୋଗେନ୍ଦ୍ର ଦାସ, ସମ୍ପାଦକ ପ୍ରଶାନ୍ତ ସାହୁ ଓ ବ୍ୟବସାୟୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭ୍ୟ ସୁବ୍ରତ ଦାସ, ସ୍ଥାନୀୟ ବ୍ଲକ ଅଧକ୍ଷା ମଞ୍ଜୁଶ୍ରୀ ବେହେରା, ପୀତାମ୍ବର ନାୟକ, ଗଣେଶ ଚନ୍ଦ୍ର ଭାରତୀ, ଶ୍ୟାମସୁନ୍ଦର ମହାପାତ୍ର, ଗୋଲକ ଚନ୍ଦ୍ର ବେହେରା, ଧନେଶ୍ୱର ନାୟକ, ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ମନୋଜ ନାୟକ, ଧରିତ୍ରୀ ଜେନା, ଯତୀନ୍ଦ୍ର ସାହୁ, ବର୍ଷ୍ଟି ମହାପାତ୍ର, ପ୍ରଶାନ୍ତ ରାଉତ, ସନ୍ତୋଷ ସାମଲ, ସନ୍ତୋଷ ମହାନ୍ତି, ଭାଗବତ ପ୍ରସାଦ ଜେନା, ରାଜକିଶୋର ପଣ୍ଡା, ବୀରେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ପୂଜାମଣ୍ଡପ ପରିଦର୍ଶନ ସମୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ।

## ଅଧିକ ଲୋକସମ୍ପର୍କ ରଖିବାକୁ ଗୁରୁତ୍ୱ

**ବନ୍ତ, ୩୧।୧୦(ସ୍ୱ.ପ୍ର.)**

ବିଜେଡିର ଜନସମ୍ପର୍କ ପଦଯାତ୍ରା ଆଗରପଡ଼ା ଲକ୍ଷ୍ମୀବଜାରଠାରେ ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଓ ମୋ ସରକାର ଯୋଜନାର କାର୍ଯ୍ୟକାରିତା ଉପରେ ବକ୍ତବ୍ୟ ରଖିଥିଲେ। ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲାପରିଷଦ ସଭ୍ୟ ପ୍ରଶାନ୍ତ ଦାଶ, ରେବତୀ ନାୟକ, ଜୋନ୍ ସଭାପତି କାହ୍ନୁଚରଣ ଦାସ, ସମ୍ପାଦକ ଅଶୋକ ପାଣିଗ୍ରାହୀ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ଛାତ୍ର ବିଜେଡି ନେତା ବିଶ୍ୱଜିତ ଜେନା ପ୍ରମୁଖ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିବା ସହ କର୍ମୀମାନଙ୍କୁ ଅଧିକରୁ ଅଧିକ ଲୋକସମ୍ପର୍କ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ଶତାଧିକ ମହିଳା ଓ ବିଜେଡି କର୍ମୀ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ବାହାରି ଆଗରପଡ଼ା କଲେଜ ଛକ ପର୍ଯ୍ୟନ୍ତ ବିଭିନ୍ନ ସ୍ଲୋଗାନ ଦେଇ ପଦଯାତ୍ରାରେ ଆସି ସଭାସ୍ଥଳରେ ପହଞ୍ଚିଥିଲେ।

## କଳା ଓ ନୃତ୍ୟର ବିକାଶ ଲୋଡ଼ା



ଲୋକନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

**ଭଦ୍ରକ ଅଫିସ, ୩୧।୧୦**

ଭୁବନେଶ୍ୱରର ନୃତ୍ୟଦିପ୍ତୀ ଫାଉଣ୍ଡେଶନ ପକ୍ଷରୁ ଭଦ୍ରକ ସଂସ୍କୃତି ଭବନଠାରେ ରାଜ୍ୟସ୍ତରୀୟ ଶାସ୍ତ୍ରୀୟ ଓ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦିବସବ୍ୟାପୀ ଏହି କାର୍ଯ୍ୟକ୍ରମରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ସୁନାମଧନ୍ୟ ନୃତ୍ୟଶିଳ୍ପୀ ଦେବଦିପ୍ତୀ ବିଶ୍ୱାଳଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କଳା ଓ ନୃତ୍ୟର ବିକାଶ ଉପରେ ଆଲୋକପାତ କରିଥିଲେ। ଏ ଦିଗରେ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇଥିଲେ। ସହକାରୀ ଜିଲାପାଳ ସୌମ୍ୟଶ୍ରୀ ପାଣିଗ୍ରାହୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଭଦ୍ରକ ଜିଲା କଳା ଓ ସଂସ୍କୃତିର ମାଟି ବୋଲି କହିଥିଲେ। ପ୍ରସିଦ୍ଧ ନୃତ୍ୟଶିଳ୍ପୀ ରାଜଶ୍ରୀ ମହାପାତ୍ର ଓ ଗୌରାଙ୍ଗ ବାରିକ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଘୋଷକ ଭାବେ ରୁଦ୍ର ମଞ୍ଚ ସଞ୍ଚାଳନା କରିଥିଲେ। ନୃତ୍ୟଗୁରୁ ପୁଷ୍ପମିତ୍ରା ବେହେରା, ରିଚିସ୍ମିତା ମହାନ୍ତି ଏବଂ ଦେବୀଦିପ୍ତୀ ହୋତା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସୁନାଚେନ୍ ଲୁଟ୍ ଘଟଣା: ୨ ଗିରଫ

**ତିହିଡ଼ି, ୩୧।୧୦ (ଡି.ଏନ.ଏ.)**

ତିହିଡ଼ି କାଳୀପୂଜାକୁ ଯାଇଥିବା ଜଣେ ବାଳକଙ୍କ ବେକରୁ କେତେକ ଦୁର୍ବୃତ୍ତ ସୁନାଚେନ୍ ଲୁଟ୍ କରି ନେଇଯାଇଥିଲେ। ବାରିକବିନ୍ଧା ଗ୍ରାମର ଉମାକାନ୍ତ ମହାନ୍ତିଙ୍କ ଅଭିଯୋଗ କ୍ରମେ ତିହିଡ଼ି ଥାନା ପୋଲିସ ଏକ ମାମଲା(ନଂ.୪୬୮/୧୯) ରୁଜୁ କରିଥିଲା। ପୋଲିସ ଘଟଣାର ତଦନ୍ତ ପୂର୍ବକ ୨ ଜଣ ଧାମନଗର ଅଞ୍ଚଳର ଜଗତ ଦାସ ଓ ବାଦଲ ଦାସଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି।

## ୧୮ ପରିବାରକୁ ମିଳିଛି ଶହେ ଦିନର କାର୍ଯ୍ୟ

**ବାସୁଦେବପୁର, ୩୧।୧୦ (ଡି.ଏନ.ଏ.)**

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି

ବାସୁଦେବପୁର ବ୍ଲକ କନ୍‌ଫରେନ୍ସ ହଲ୍‌ରେ ଗୁରୁବାର ବ୍ଲକସ୍ତରୀୟ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ବ୍ଲକରେ ମୋଟ ୨, ୪୭, ୦୩୧ଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି। ଏହା ବାବଦକୁ ୨୦୧୮-୧୯ ଆର୍ଥିକ ବର୍ଷରେ ମୋଟ ୫ କୋଟି ୪୬ ଲକ୍ଷ ୩୧ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ୧୮ଟି ପରିବାରକୁ ଶହେ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଛି। ସେହିପରି ୫୪ ଜଣ ଦିବ୍ୟାଙ୍ଗଙ୍କୁ ଶ୍ରମ ପ୍ରଦାନ କରାଯାଇଛି ବୋଲି କୁହାଯାଇଥିଲା। ମୁଖ୍ୟଅତିଥି ଭାବେ ଭଦ୍ରକ ଉପଜିଲାପାଳ ପୀତାମ୍ବର ସାମଲ ଯୋଗଦେଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏକ ଯୁଗାନ୍ତକାରୀ ଯୋଜନା ବୋଲି ମତ ରଖି ପ୍ରତ୍ୟେକ ହିତାଧିକାରୀ ସାମିଲ ହୋଇ ଏହାର ସୁଫଳ ହାତେଇବାକୁ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ବିଡିଓ ପ୍ରଣବ କୁମାର ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବଦତ୍ତ ଜେନା, ବ୍ଲକ ଉପାଧକ୍ଷ ସୁଶାନ୍ତ ବିଶ୍ୱାଳ, ବିଏସ୍‌ଏସ୍‌ଓ ସୁବାସ ଚନ୍ଦ୍ର ନାୟକ, ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ତରେଇ, ଏପିଇଓ ସୂର୍ଯ୍ୟସ୍ନାତା ନାୟକ ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ। ଶିବିରରେ ୫୧ ହିତାଧିକାରୀଙ୍କ ସମସ୍ୟା ସମାଧାନ କରାଯାଇଥିଲା।



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ।

## ବିଶ୍ୱ ମିତବ୍ୟୟିତା ଦିବସ ପାଳିତ

**ଭଦ୍ରକ ଅଫିସ, ୩୧।୧୦**

ଭଦ୍ରକ ଜିଲା ସ୍ୱଳ୍ପ ସଞ୍ଚୟ କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ସ୍କୁଲ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଜିଲାର ସ୍ୱଳ୍ପ ସଞ୍ଚୟ ଏଜେଣ୍ଟ ଏବଂ ସ୍କୁଲ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସାମିଲ ଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହିଅବସରରେ ଦେବୀଦତ୍ତ ମହାନ୍ତି ସ୍ୱଳ୍ପ ସଞ୍ଚୟ ଯୋଜନାମାନ ବିଷୟରେ ସୂଚନା ପ୍ରଦାନ କରିଥିଲେ।




ଛାତ୍ରୀଛାତ୍ରଙ୍କ ସଚେତନତା ରାଲିକୁ ଜିଲାପାଳ ଜ୍ଞାନରଞ୍ଜନ ଦାସ ଉଦ୍‌ଘାଟନ କରୁଛନ୍ତି।

## ସାହାଡ଼ାରେ ସତର୍କତା ଜାଗରଣ ସପ୍ତାହ

**ପଦ୍ମପୁର, ୩୧।୧୦(ଡି.ଏନ.ଏ.)**

ଭଦ୍ରକ ବ୍ଲକ ସାହାଡ଼ା ପଞ୍ଚାୟତ କାର୍ଯ୍ୟାଳୟଠାରେ ସତର୍କତା ଜାଗରଣ ସପ୍ତାହ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସାହାଡ଼ାସ୍ଥିତ ଆନ୍ଧ୍ର ବ୍ୟାଙ୍କର ଶାଖା ପରିଚାଳକ ମହେନ୍ଦ୍ର ମେହର ଯୋଗଦେଇ ବ୍ୟାଙ୍କର ସଞ୍ଚୟ, ଜାମାଖାତା ଖୋଲିବା, ସ୍ୱୟଂସହାୟକ ଗୋଷ୍ଠୀର ଋଣ ଆଦାନ ପ୍ରଦାନ, ସ୍ୱଚ୍ଛତା ଓ ସତର୍କତା ଜାଗରଣ ବିଷୟରେ ଆଲୋକପାତ କରିଥିଲେ। ବ୍ୟାଙ୍କରେ ନେଣଦେଣ କାରବାରରେ କୌଣସି ପ୍ରକାର ଦୁର୍ନୀତିକୁ ସ୍ଥାନ ଦିଆଯିବ ନାହିଁ ବୋଲି ସେ କହିଥିଲେ। କୌଣସି କ୍ଷେତ୍ରରେ ଅନିୟମିତତା ପରିଲକ୍ଷିତ ହେଲେ ତାଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମରେ ସାହାଡ଼ା ଓ ଅଣ୍ଡରାଇର ଶତାଧିକ ମହିଳା ଅଂଶଗ୍ରହଣ କରିଥିଲେ।




ସମାଧାନ ଶିବିରରେ ଅଧିକାରୀମାନେ।

■ ସମାଧାନ ଶିବିରରେ ଯୋଗଦେଲେନି ଜିଲା ପ୍ରଶାସନିକ ଅଧିକାରୀ

# ନିରାଶ ହେଲେ ଅଭିଯୋଗକାରୀ

**ବନ୍ତ, ୩୧।୧୦ (ସ୍ୱ.ପ୍ର./ଡିଏନ.ଏ.)**

ବନ୍ତ ବ୍ଲକ ନିଳୋକ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ଓ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇ ଥିବାବେଳେ ଜିଲା ପ୍ରଶାସନର କୌଣସି ଅଧିକାରୀ ଶିବିରରେ ଯୋଗଦେଇ ନ ଥିଲେ। ଯାହାକି ଅଭିଯୋଗକାରୀଙ୍କୁ ନିରାଶ କରିଥିଲା।

ସରପଞ୍ଚ ଅଶୋକ ମହାନ୍ତି ଶିବିରରେ ଅଧକ୍ଷତା କରିଥିଲେ। ପଞ୍ଚାୟତ ସମିତି ଅଧକ୍ଷ ଦେବେନ୍ଦ୍ର ଯେନା, ବିଡିଓ ରେବେକା ବିଲୁଙ୍ଗ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ନିଶାକର ଖୁଣ୍ଟିଆ, ରାଜସ୍ୱ କିରାଣି ସୁରେନ୍ଦ୍ର ସାହୁ, ବ୍ଲକ କୃଷି ଅଧିକାରୀ ରମେଶ ରାୟ, ଭାରପ୍ରାପ୍ତ ସହକାରୀ ଯନ୍ତ୍ରୀ ବଳରାମ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଦେବେନ୍ଦ୍ର ନାୟକ, ଭବାନୀ ଶଙ୍କର ବେହେରା, ଶୁଭେନ୍ଦୁ ମିଶ୍ର, ନେସ୍କୋ ସହକାରୀ ଯନ୍ତ୍ରୀ ବିଜୟ ମହାନ୍ତି, କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ସାହୁ, ଗ୍ରାମୀଣ ଶ୍ରମ ନିରୀକ୍ଷକ ରତ୍ନାକର ମଲ୍ଲିକ, ଅଙ୍ଗନୱାଡି ସୁପରଭାଇଜର କ୍ଷଣପ୍ରଭା ବାରିକ, ବ୍ଲକ ଯୋଗାଣ ଅଧିକାରୀ ଅଶୋକ ବେହେରା, ନାଏବ ସରପଞ୍ଚ ସସ୍ମିତା ସାହୁ ପ୍ରମୁଖ ଅଭିଯୋଗ ଗ୍ରହଣ କରିଥିଲେ। ବିଭିନ୍ନ ବିଭାଗରୁ ୪୮ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୩, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ସମ୍ପର୍କିତ ୭, ରାଶନ କାର୍ଡରେ ୯, କାଳିଆ ଯୋଜନାରେ ୭ଟି ସମେତ ସ୍ୱାସ୍ଥ୍ୟ, ସମବାୟ, ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ଅଭିଯୋଗ କରାଯାଇଥିଲା। ଏହାମଧ୍ୟରୁ କେତେକ ଅଭିଯୋଗର ସମାଧାନ ହୋଇଥିବାବେଳେ ଜିଲା ପ୍ରଶାସନିକ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ଅନ୍ୟ ଅଭିଯୋଗର ସମାଧାନ ହୋଇପାରି ନ ଥିଲା। ଜିଲାପାଳ ଶିବିରରେ ଯୋଗଦେବେ ବୋଲି ସୂଚନା ଥିବାବେଳେ ତାଙ୍କ ଅନୁପସ୍ଥିତି ଲୋକଙ୍କୁ ନିରାଶ କରିଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ନାରାୟଣ ଚନ୍ଦ୍ର ପଣ୍ଡା, ଗ୍ରାମରୋଜଗାର ସେବକ ରବୀନ୍ଦ୍ର ବେହେରା, ଗ୍ରାମ୍ୟ କୃଷି କର୍ମଚାରୀ ଦୀପ୍ତିରଞ୍ଜନ ନାୟକ, ଲକ୍ଷ୍ମୀଧର ସାହୁ, ପୂର୍ଣ୍ଣଚନ୍ଦ୍ର ସେଠୀ, ସଞ୍ଜୟ ନାୟକ, ରଞ୍ଜିତା ଯେନା ପ୍ରମୁଖ ଶିବିରରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଖଇରା ଇଗ୍ନୋ କେନ୍ଦ୍ରରେ ପ୍ରବେଶ ଉତ୍ସବ

**ଖଇରା, ୩୧।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା କଲେଜ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ପକ୍ଷରୁ ନୂତନ ଭାବେ ଯୋଗଦାନ କରିଥିବା ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ସଂଯୋଜକ ପ୍ରଫେସର ଯୁଗଳ କିଶୋର ଗାହାଣ ଉତ୍ସବରେ ଅଧକ୍ଷତା କରିଥିଲେ। ସହ ସଂଯୋଜକ ବନମାଳି ବାରିକ ଇଗ୍ନୋ ପାଠ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାକ୍ତନ ଅଧକ୍ଷ ମୁକ୍ତିକାନ୍ତ ଶତପଥୀ, ଉମେଶ ଚନ୍ଦ୍ର ନାୟକ, ପ୍ରାଧାପକ ଛାୟାକାନ୍ତ ମାଝି,ଏକାଡେମିକ କାଉନସିଲର ହରିହର ପଣ୍ଡା ଇଗ୍ନୋ ଦ୍ୱାରା ପ୍ରଚଳିତ ୨୬୦ଟି ପାଠ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ସେମାନଙ୍କର ମତାମତ ଦେଇଥିଲେ। କାର୍ଯ୍ୟାଳୟର ସହାୟକ ଗୌରାଙ୍ଗ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପରିଚାଳନାରେ ବିଭୂତି ଭୂଷଣ ନାୟକ, ନିର୍ମଳ ବେହେରଶ ଓ ଶିବ ବାହାଦୁର ଥାପା ପ୍ରମୁଖ ସହଯୋଗ କରିଥିଲେ।

### ଝରକା ତାଡ଼ି ଚୋରି

**ସୋର, ୩୧।୧୦(ଡି.ଏନ.ଏ.):** ସୋର ମ୍ୟୁନିସିପାଲିଟି ଉତ୍ତରେଶ୍ୱର ଗ୍ରାମର ନିରୋଦ ମହାନ୍ତିଙ୍କ ଭଉଣୀ ଘରେ ବୁଧବାର ରାତିରେ କେହି ନ ଥିବାର ସୁଯୋଗ ନେଇ ଝରକା ତାଡ଼ି ଘରର ସମସ୍ତ ଜିନିଷ ଚୋରି ହୋଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। ଏଥିନେଇ ନିରୋଦ ସୋର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ବିଦ୍ୟୁତ୍ ତାର ଲାଗି ଜଣେ ମୃତ

**ସଜନାଗଡ଼, ୩୧।୧୦(ଡି.ଏନ.ଏ.):** ନୀଳଗିରି ଥାନା ପୋଡ଼ାଶୂଳ ଅଞ୍ଚଳର ଦୟାନିଧି ଶତପଥୀ (୬୫) ନାମକ ବ୍ୟକ୍ତି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ସେ ନିଜ ବାଡ଼ିରେ କଦଳୀ ଗଛ ପୋତୁଥିବାବେଳେ ୩୩ କେଭି ଲାଇନ୍ ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ଟଳିପଡ଼ିଥିଲେ। ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ନୀଳଗିରି ମେଡ଼ିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ ବିଦ୍ୟୁତ୍ ତାର ନିକଟରେ ଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

### ଏମ୍‌ଜିଏନଆରଇଜିଏସ୍‌ର ଜନଶୁଣାଣି

**ଔପଦା, ୩୧।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଏମ୍‌ଜିଏନଆରଇଜିଏସ୍ ଓ ସାମାଜିକ ସହାୟତା କାର୍ଯ୍ୟକ୍ରମର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଆରମ୍ଭ ହୋଇଯାଇଛି। ଔପଦା ବିଡିଓ ପୀତାମ୍ବର ଭୋଇ, ପିଏଆଇଟିଡିଏ ବୀରକିଶୋର ପାଣିଗ୍ରାହୀ, ଔପଦା ବ୍ଲକ ଅଧକ୍ଷା ନିର୍ମଳା ବିଶ୍ୱାଳ, ବ୍ଲକ ନିର୍ବାହୀଯନ୍ତ୍ରୀ ସ୍ମିତା ଟୁଡୁ, ଇନଚାର୍ଜ ଏପିଓ ମାନସ ଦାସ, କମିଟି ସଭ୍ୟ ଅନନ୍ତପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୋଗକାରୀଙ୍କ ସଂଖ୍ୟା କମ୍ ଥିବାରୁ ଉପସ୍ଥିତ ଜନପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଥିଲେ। ଉକ୍ତ ଯୋଜନା ବେକାରି ଦୂର କରିବା ସହ ସମାଜରେ ଆର୍ଥିକ ସ୍ୱଚ୍ଛଳତା ଆଣିବାକୁ ଅଭିପ୍ରେତ ହୋଇଥିଲେ ହେଁ ଆନ୍ତରିକତା ଅଭାବରୁ ଯୋଜନା ବାଟବଣା ହେଉଥିବା ବିଷୟ କମିଟିର ସଦସ୍ୟ ପଣ୍ଡା ପ୍ରକାଶ କରିଥିଲେ।

### ଏବିଭିପିର ନୂତନ କମିଟି ଗଠିତ

**ଖଇରା, ୩୧।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଅଧୀନ ଖଇରା ମହାବିଦ୍ୟାଳୟ ଓ କୁପାରୀସ୍ଥିତ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ଗୁରୁବାର ଅଖିଳ ବିଦ୍ୟାର୍ଥୀ ପରିଷଦର କ୍ୟାମ୍ପସ ଆଲୋଚନା ଓ ମହାବିଦ୍ୟାଳୟ ଶାଖା କମିଟି ଗଠିତ ହୋଇଯାଇଛି। ଖଇରା ଗାୟତ୍ରୀ ମନ୍ଦିର ପରିସରରେ ଆୟୋଜିତ ବୈଠକରେ ସଙ୍ଗଠନ ସମ୍ପାଦକ ସୌଭାଗ୍ୟ ମହାନ୍ତି ପୌରୋହିତ୍ୟ କରିଥିଲେ। ବୈଠକରେ ସଙ୍ଗଠନର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇଥିଲା। ଛାତ୍ର ଆର୍ଯ୍ୟପ୍ରଜ୍ଞା ଦାସ ଓ ଚିନ୍ମୟ ଦାସଙ୍କ ନେତୃତ୍ୱରେ ଏକ କମିଟି ଗଠନ ହୋଇଥିଲା। ସେହିଭଳି କୁପାରୀସ୍ଥିତ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଶାଖା କମିଟିରେ ଅନିଲ ମହାନ୍ତିଙ୍କୁ ସଭାପତି ଓ ସତ୍ୟଜିତ ରାଉଳଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି।

# ନିଯୁକ୍ତି ଦିଅ ନ ହେଲେ ଆନ୍ଦୋଳନ

- ୪ରେ ବିଶ୍ୱବିଦ୍ୟାଳୟ ବନ୍ଦ
- ୫ରୁ ବାଲେଶ୍ୱରରୁ ଭୁବନେଶ୍ୱର ଲୋକସେବା ଭବନ ଯାଏ ପଦଯାତ୍ରା

**ବାଲେଶ୍ୱର ଅଫିସ,୩୧।୧୦**

ବିଏଡ୍ ଓ ଏମ୍‌ଏଡ୍ ପାସ୍ କରିଥିବା ପ୍ରାର୍ଥୀଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ଦେବା ପାଇଁ ସରକାର ନିୟମ କରି ହାଇସ୍କୁଲରେ ଶିକ୍ଷକତା କରିବା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ହାଇସ୍କୁଲରେ ନିଯୁକ୍ତି ସୁଯୋଗ ନ ଥିବା ବେଳେ ସେମାନଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ମିଳୁ ନ ଥିବା ବିଏଡ୍ ଓ ଏମ୍‌ଏଡ୍ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଏଭଳି ନିୟମରେ ପରିବର୍ତ୍ତନ କରା ନ ଗଲେ ଆସନ୍ତା ୪ ତାରିଖରେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ବିଏଡ୍ ଓ ଏମ୍‌ଏଡ୍‌ରେ ପାସ୍ କରିଥିବା ଛାତ୍ର ନିଲେଶ କୁମାର ସ୍ୱାଇଁ, ଦ୍ୱିତୀୟବର୍ଷର ଛାତ୍ର ଲକ୍ଷ୍ମୀନାରାୟଣ ନାୟକ, ଇରମ୍ ସ୍ୱାଇଁ, ଛାତ୍ରୀ ସୁପ୍ରଭା ପଣ୍ଡା, ସରିତା ସାହୁ, ତୃତୀୟବର୍ଷର ଛାତ୍ରୀ ଶ୍ରାବଣୀ ବେହେରା ପ୍ରମୁଖ ଏକ ପ୍ରେସ୍ ବିବୃତିରେ ଏହା ଦର୍ଶାଇ କହିଛନ୍ତି ଯେ, ସ୍ନାତକୋତ୍ତର (ପିଜି) ଶେଷ କଲା ପରେ ସେମାନେ ଶିକ୍ଷକତା କରିବା ଲକ୍ଷ୍ୟରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସମନ୍ୱିତ ବିଏଡ୍-ଏମ୍‌ଏଡ୍ ବିଭାଗରେ ଶିକ୍ଷା ଲାଭ କରୁଛନ୍ତି। କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶିକ୍ଷାବିଭାଗର ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ସେମାନେ ନିଯୁକ୍ତି ପାଇବାକୁ ଓଟିଇଟି, ସିଟିଇଟି, ଓଏସ୍‌ଏସ୍‌ଟିଇଟି ଭଳି ପରୀକ୍ଷା ଦେଇପାରୁ ନାହାନ୍ତି। ଏଣୁ ସରକାରୀ ନିୟମରେ ପରିବର୍ତ୍ତନ ଦାବି କରି ଆସନ୍ତା ୪ ତାରିଖରେ ସେମାନେ ବିଶ୍ୱବିଦ୍ୟାଳୟକୁ ବନ୍ଦ କରିବା ସହ ୫ ତାରିଖରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ବିଶ୍ୱବିଦ୍ୟାଳୟରୁ ପଦଯାତ୍ରାରେ ବାହାରି ଭୁବନେଶ୍ୱର ଲୋକସେବା ଭବନ ଯାଏ ଯାଇ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନେଇଛନ୍ତି। କେବଳ ଫକୀରମୋହନ ବିଶ୍ୱବିଦ୍ୟାଳୟ ନୁହେଁ ଓଡ଼ିଶାର ଅନ୍ୟ ପ୍ରମୁଖ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମଧ୍ୟ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଛାତ୍ରୀଛାତ୍ରମାନେ ବାରମ୍ବାର ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ସମେତ ଜାତୀୟ ଗଣଶିକ୍ଷା ଆଞ୍ଚଳିକ ପରିଷଦ, ଉଚ୍ଚଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଓ ସଚିବ, କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କ ସମେତ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅବଗତ କରାଇ କୌଣସି ସୁଫଳ ପାଇ ନ ଥିବା କହିଛନ୍ତି। ପଦଯାତ୍ରା ସମ୍ପର୍କରେ ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ, ସ୍ଥାନୀୟ ବିଧାୟକ ଓ ଏମ୍‌ପିଙ୍କୁ ଲିଖିତ ଭାବେ ଅବଗତ କରାଇଥିବା ପ୍ରକାଶ କରିଛନ୍ତି।



ବୈଠକରେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ।

## ୪ରେ ଅଙ୍ଗନୱାଡ଼ି କର୍ମୀ, ସହାୟିକାଙ୍କ ଆନ୍ଦୋଳନ

**ବାଲେଶ୍ୱର ଅଫିସ, ୩୧।୧୦**

ବାଲେଶ୍ୱର ପଟୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନରେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ହେଲା ବିଭିନ୍ନ ଦାବିକୁ ସରକାର ଅବହେଳା କରୁଥିବାରୁ ଆସନ୍ତା ନଭେମ୍ବର ୪ତାରିଖ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଏଆଇଟିୟୁସିର ଜିଲା ସଭାପତି ଭାଗବତ ପ୍ରତିହାରୀଙ୍କ ଅଧକ୍ଷତାରେ ବାଲେଶ୍ୱର ଜିଲା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘର କାର୍ଯ୍ୟକାରୀ କମିଟି ବୈଠକରେ ସାଧାରଣ ସମ୍ପାଦିକା ଗୌରୀ ଦାସ ସଂଘର ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ମାସିକ ୧୮ହଜାର ଟଙ୍କା ବେତନ, ଚାକିରି ସମୟରେ ଓ ଅବସର ପରେ ସାମାଜିକ ସୁରକ୍ଷା, ଭବିଷ୍ୟନିଧି ଓ ପେନସନ ଆଇନ ଲାଗୁ କରିବା, ଶିଶୁମାନଙ୍କ ପୋଷାକ ପାଇଁ ଯୁଗ୍ମ ବ୍ୟାଙ୍କ ଖାତାକୁ ଅର୍ଥ ପ୍ରଦାନ, ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ଉନ୍ନତମାନର ଖାଦ୍ୟବାବଦକୁ ଅଧିକ ଅର୍ଥ ମଞ୍ଜୁର କରିବା, ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ କିମ୍ବା ଭଡ଼ାଘର ପାଇଁ ମାସିକ ଭଡ଼ା ପ୍ରଦାନ, ସପ୍ତାହକୁ ଶିଶୁମାନଙ୍କୁ ଦିଆଯାଉଥିବା ୫ଟି ଅଣ୍ଡା ବାବଦରେ ଅର୍ଥ ପ୍ରଦାନ ଆଦି ଦାବି ନେଇ ଏହି ଆନ୍ଦୋଳନ ଆହ୍ୱାନ ଦିଆଯାଇଛି। ଜିଲା ଓ ବିଭିନ୍ନ ବ୍ଲକ କମିଟିର କର୍ମକର୍ତ୍ତା ରାଧାରାଣୀ ପଣ୍ଡା, ଆରତୀ ଦାସମହାପାତ୍ର, ଅନୁସୂୟା ଦଳେଇ, ତପସ୍ୱିନୀ ବିଶ୍ୱାଳ, କାଞ୍ଚନ ଦାସ, ରେଣୁବାଳା ପାତ୍ର, ଜମ୍ବୁବତୀ ମହାନ୍ତି, ସବିତା ମଲ୍ଲିକ, ନିର୍ମଳା ପାଣିଗ୍ରାହୀ, ରିଙ୍କି ମଜୁମଦାର, ବବିତା ପାଲ୍, କଳ୍ପନା ଦାସ, ସୁକାନ୍ତ ବିଶ୍ୱାଳଙ୍କ ସମେତ ଏଆଇଟିୟୁସିର ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ, ଜିଲା ସମ୍ପାଦକ ମାୟାଧର ନାୟକ, ଯୁଗ୍ମ ସମ୍ପାଦକ ଶ୍ୟାମସୁନ୍ଦର ଜେନା, କୋଷାଧକ୍ଷ ଶରତ ଚନ୍ଦ୍ର ଦଳାଇ ପ୍ରମୁଖ ଦାବି ଓ ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇଥିଲେ। ମୋନାଲିସା ଭୋଇ ଧନ୍ୟବାଦ ଦେଇଥିଲେ।

## ଜାତୀୟ ଏକତାର ସୁରକ୍ଷା ପାଇଁ ସାମୂହିକ ଶପଥ



'ରନ୍ ଫର୍ ୟୁନିଟ୍'ରେ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ।

**ବାଲେଶ୍ୱର ଅଫିସ,୩୧।୧୦**

ବାଲେଶ୍ୱର ଜିଲା ଭାଜପା ପକ୍ଷରୁ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୪ତମ ଜୟନ୍ତୀ ପାଳନ କରାଯାଇଛି। ସର୍ଦ୍ଦାର ପଟେଲ ଦେଶକୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ କରିଥିବା ତ୍ୟାଗର ବାର୍ତ୍ତା ଲୋକମାନଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ 'ରନ୍ ଫର୍ ୟୁନିଟି' ସାରାଦେଶରେ ପାଳିତ ହେଉଛି। ଏହି ଅବସରରେ ଗୁରୁବାର ପୂର୍ବାହ୍ନ ୭ଟା ସମୟରେ ପରମିଟ୍ ପଡ଼ିଆରୁ ଶତାଧିକ ଭାଜପା କର୍ମୀ, ଛାତ୍ରୀଛାତ୍ର, ଜନସାଧାରଣ ଏକାଠି ହୋଇ ଜାତୀୟ ଏକତାର ସୁରକ୍ଷା ପାଇଁ ସାମୂହିକ ଶପଥ ନେବା ସହ 'ରନ୍ ଫର୍ ୟୁନିଟ୍'ରେ ସାମିଲ୍ ହୋଇଥିଲେ। କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଓଡ଼ିଶା ପ୍ରଭାରୀ ଅରୁଣ ସିଂ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ସମ୍ପାଦକ ରଣଜିତ୍ ଠାକୁର, ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଦାସ, ଯୁବନେତା ଉମାକାନ୍ତ ନାୟକ, ଗୌରାଙ୍ଗ ଦାସ, ବିଭୁପଦ ଦାସ, ମହିଳା ନେତ୍ରୀ ଶୋଭନା ମହାନ୍ତି, ସିପ୍ରା ବାଜପେୟୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସହର ପରିକ୍ରମା କରାଯାଇଥିଲା। ପରମିଟ୍ ପଡ଼ିଆରେ ଆୟୋଜିତ ବୈଠକରେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଯୋଗଦେଇ ପୂର୍ବତନ ଉପପ୍ରଧାନମନ୍ତ୍ରୀ ଓ ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ରାଜନୈତିକ କୂଟନୀତି ପ୍ରଖର ଥିବାରୁ ତାଙ୍କୁ ଭାରତର ଲୌହ ମାନବ ବୋଲି ଆଖ୍ୟା ଦିଆଯାଇଥିଲା। ତାଙ୍କର ସ୍ମୃତିକୁ ମନେରଖିବା ପାଇଁ ତାଙ୍କ ଜୟନ୍ତୀ ଅକ୍ଟୋବର ୩୧କୁ 'ରାଷ୍ଟ୍ରୀୟ ଏକତା ଦିବସ' ରୂପେ ସାରା ଦେଶ ପାଳନ କରୁଥିବାର ପ୍ରକାଶ କରିଥିଲେ।

ସେହିପରି ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ପରିସରରେ ଜାତୀୟ ଏକତା ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ମିନତି ସେଠୀ ଏହାକୁ ଶୁଭାରମ୍ଭ କରି ସର୍ଦ୍ଦାର ପଟେଲଙ୍କ ଭାରତୀୟ ଜାତୀୟ ଏକତା ଓ ସଂହତି ପାଇଁ ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶୋଭାରାମପୁରସ୍ଥିତ ବାଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଅନ୍ନଦା ପ୍ରସାଦ ଜେନାଙ୍କ ପୌରୋହିତ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ହୋଇଥିଲା। ଉଭୟ ମହାବିଦ୍ୟାଳୟର ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଏକତ୍ରିତ ହୋଇ ଭାରତର ଜାତୀୟ ଏକତାର ସୁରକ୍ଷା ପାଇଁ ଶପଥ ନେଇଥିଲେ।

## ୨ ଚୋରା ମଦ ବେପାରୀ ଗିରଫ

**ସୋର, ୩୧।୧୦(ଡି.ଏନ.ଏ.)**

ସୋର ଅବକାରୀ ଥାନା ତରଫରୁ ଖଇରା ଥାନା ଅଧୀନରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ଫେରାର ହୋଇଯାଇଛନ୍ତି। ଖଇରା ଥାନା ବାଉଁଶଗଡ଼ିଆ ଜଙ୍ଗଲରେ ଦେଶୀ ଓ ମହୁଲି ମଦ ପ୍ରସ୍ତୁତି ଚାଲିଥିବା ଖବର ପାଇ ବିଭାଗୀୟ ଅଧିକାରୀମାନେ ଚଢ଼ାଉ କରିଥିଲେ। ସେଠାରେ ୨ ହଜାର ଲିଟର ମହୁଲି ପୋଚ ଓ ୨୨୨ଲିଟର ଦେଶୀ ମଦ ଜବତ କରାଯାଇଛି। ସେଠାରୁ ଜଣେ ଫେରାର ହୋଇଯାଇଥିବା ବେଳେ ଦୁର୍ଗା ହାଁସଦାଙ୍କଠାରୁ ମଦ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି। ସେହିପରି କଳମଚୁଆ ଗ୍ରାମର ଜଳଧର ପଲେଇଙ୍କଠାରୁ ୨୦ଲିଟର ଦେଶୀ ରନ୍ଧାମଦ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଚଢ଼ାଉ ସମୟରେ ସୋର ଅବକାରୀ ଥାନାର ସବ୍‌ଇନ୍ସପେକ୍ଟର କୁଳମଣି ମହାରଣା ଓ ନୀଳଗିରି ଅଧିକାରୀ ଲକ୍ଷସାଧବ ପ୍ରଧାନଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଏନେଇ ମାମଲା (ନଂ. ୪୮, ୪୯, ୫୦/୨୦୧୯) ରୁଜୁ କରାଯାଇଛି।

## ଠିକାଦାର ମାରଣନୀତି ବିରୋଧରେ କାର୍ଯ୍ୟବନ୍ଦ ଡାକରା

**ସୋର, ୩୧।୧୦(ଡି.ଏନ.ଏ.)**

ନିଖିଳ ଓଡ଼ିଶା ଠିକାଦାର ମହାସଂଘ ଆହ୍ୱାନକ୍ରମେ ସୋର ଠିକାଦାର ମହାସଂଘ ତରଫରୁ ଠିକାଦାର ମାରଣନୀତି ବିରୋଧରେ ବିଭିନ୍ନ ଦାବି ନେଇ ନଭେମ୍ବର ୧ ତାରିଖଠାରୁ କାର୍ଯ୍ୟ ବନ୍ଦ ଡାକରା ଦିଆଯାଇଛି। ବିଭିନ୍ନ ଦାବି ମଧ୍ୟରେ ୨୦୧୪ ସ୍ଥିରୀକୃତ ସିଡୁଲ ରେଟ୍‌ର ୨୦୧୯ ମୂଲ୍ୟ ଭିତ୍ତିରେ ପୁନଃ ଆକଳନ, ଡାଟା ବୁକ୍‌ର ତୁରନ୍ତ ପ୍ରଚଳନ ସହିତ ଭାରତ ସରକାରଙ୍କ ଟେଣ୍ଡର ନିୟମାବଳୀର ତୁରନ୍ତ ପ୍ରଚଳନ, ଉଚ୍ଚନ୍ୟାୟାଳୟର ବର୍ଦ୍ଧିତ ମୂଲ୍ୟନୁସାରେ ପ୍ରଦାନ, ଶ୍ରମିକ ମଜୁରି ନିର୍ଦ୍ଧାରଣ ସହିତ ଠିକାଦାରମାନଙ୍କୁ ଠିକ୍ ସମୟରେ ପ୍ରାପ୍ୟ ପ୍ରଦାନ ଆଦି ଦାବି ଅନ୍ତର୍ଭୁକ୍ତ। ସୋର ଶାଖାର ସଭାପତି ପ୍ରଭାତ ଦାଶ, ଦୁର୍ଗାମାଧବ ମହାପାତ୍ର, ଅଶ୍ୱିନୀ ପଟ୍ଟନାୟକ, ରମେଶ ଚନ୍ଦ୍ର ଦାସମହାପାତ୍ର, ମହିରଞ୍ଜନ ଧଡ଼ା ପ୍ରମୁଖ ଠିକାଦାର ଏଥିରେ ସାମିଲ ହୋଇଥିଲେ।

## ସିପିଏମ୍‌ର ଜୋନ୍‌ସ୍ତରୀୟ କର୍ମୀ ବୈଠକ



ଜୋନ୍‌ସ୍ତରୀୟ ବୈଠକରେ ସିପିଏମ୍‌ର କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ, ୩୧।୧୦**

ବାଲେଶ୍ୱର ଫକୀରମୋହନ ଗୋଲେଇସ୍ଥିତ ସିପିଏମ୍ ଜିଲା ଅଫିସ୍‌ରେ ଜୋନ୍‌ସ୍ତରୀୟ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ସିପିଏମ୍ ପ୍ରମୁଖ କର୍ମୀ ଓ ନେତାମାନେ ଯୋଗଦେଇଥିଲେ।

ବୈଠକରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ନିର୍ମଳ ନାୟକଙ୍କ ସଭାପତିତ୍ୱରେ ହୋଇଥିଲା। ବରିଷ୍ଠ କମ୍ୟୁନିଷ୍ଟ ପାର୍ଟି ନେତା ଜନାର୍ଦ୍ଦନ ପତି ଯୋଗଦେଇ ଦେଶର ଅର୍ଥନୈତିକ ମାନ୍ଦାବସ୍ଥା ସାଙ୍ଗକୁ ବେକାରି ସଂଖ୍ୟା ବୃଦ୍ଧି ପାଇବା, ଚାଷୀ ମାରଣନୀତି, ସମସ୍ତ ଲାଭଦାୟକ ସରକାରୀ କର୍ପୋରେଶନ୍‌କୁ ଘରୋଇକରଣ, ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମରେ ଆର୍ଥିକ ଅନୁଦାନ କାଟ୍ ସାଙ୍ଗକୁ ଘରୋଇ କମ୍ପାନୀମାନଙ୍କୁ କୋଟି କୋଟି ଟଙ୍କା ଛାଡ଼ଦେବା, ପ୍ରତ୍ୟେକ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି, ନାରୀମାନଙ୍କ ଉପରେ ଆକ୍ରମଣ, ସଂଖ୍ୟାଲଘୁ, ଦଳିତ, ଆଦିବାସୀମାନଙ୍କୁ ଭିଡ଼ ଭିତରେ ହତ୍ୟା କରିବା, ରାଜ୍ୟ ସରକାରଙ୍କ 'କାଳିଆ' ଯୋଜନା ପ୍ରହସନରେ ପରିଣତ କରିବା, ପିଡ଼ିଏସ୍‌କୁ ଆଧାର ସହିତ ସମ୍ପର୍କ, ବାର୍ଦ୍ଧକ୍ୟ, ବିକଳାଙ୍ଗ ଓ ବିଧବା ଭତ୍ତା ବ୍ୟାଙ୍କ ସହ ସହବନ୍ଧୁତା କରିବା, ରାଜ୍ୟର ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥାର ବିପର୍ଯ୍ୟୟ ବିରୋଧରେ ଗଣଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଥିବା ସୂଚନା ଦେଇଥିଲେ। ଆଗାମୀ ଡିସେମ୍ବର ମାସରେ ଆଞ୍ଚଳିକସ୍ତରରେ ସମସ୍ତ ପ୍ରଶାସନିକ ଅଫିସ୍ ସାମ୍ନାରେ ବିକ୍ଷୋଭ ସମାବେଶ କରାଯିବାର ଦଳ ପକ୍ଷରୁ ନିଷ୍ପତ୍ତି ହୋଇଥିବା ବରିଷ୍ଠ ନେତା ସନ୍ତୋଷ ଦାସ ଓ ଶିଶିର ହୁଇ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଭଦ୍ରକ ଜିଲା ସମ୍ପାଦକ ଦିବ୍ୟସିଂହ ନାୟକ, ଯାଜପୁର ଜିଲା ସମ୍ପାଦକ ବିଜୟ ନାୟକ, ମୟୂରଭଞ୍ଜ ଜିଲା ସମ୍ପାଦକ ରବି ଗୋସ୍ୱାମୀ, ବାଲେଶ୍ୱର ଜିଲାର ସମ୍ପାଦକ ମଣ୍ଡଳୀ ସଭ୍ୟ ସୀତାଂଶୁ ସେନାପତି, ପ୍ରେମରଞ୍ଜନ ପାତ୍ର, ବିଜୟ ପାତ୍ର ଓ ଦୀପ୍ତିମାନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ବୁଢ଼ାଗଡିଆ ବଜାର ଉତ୍ସବମୁଖର


ପୂଜା ମଣ୍ଡପ ସମ୍ମୁଖରେ ନିର୍ମିତ ଆକର୍ଷଣୀୟ ତୋରଣ।


ବୁଢ଼ାଗଡିଆ ବଜାରରେ ନିର୍ମିତ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

**ଖଇରା, ୩୧।୧୦(ଡି.ଏନ.ଏ.)**

ଖଇରା ବ୍ଲକ ଅଧୀନ ବୁଢ଼ାଗଡିଆ ବଜାର କାଳୀପୂଜା ପାଇଁ ଉତ୍ସବମୁଖର ହୋଇପଡ଼ିଛି। ପୂଜା ୭୨ବର୍ଷରେ ପଦାର୍ପଣ କରିଥିବାବେଳେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପୂଜାକୁ ଅଧିକ ମନମତାଣିଆ କରିଛି। ରବିବାର ରାତିରେ ପୂଜା ଆରମ୍ଭ ହୋଇଥିଲା। ଶମ୍ଭୁନାଥ ସାହୁ, କେଶବ ପାତ୍ର, ବୁଦ୍ଧିରାମ ମହାନ୍ତି, ପର୍ଶୁରାମ ସାହୁଙ୍କ ଦ୍ୱାରା କଳସ ଅଣାଯାଇଥିଲା। ପଣ୍ଡିତ ନିଶାକର କରଙ୍କ ଦ୍ୱାରା ମା'ଙ୍କୁ ଆରାଧନା କରାଯାଇଥିଲା। ସୋମବାରଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କମିଟି ସଦସ୍ୟ ଅନନ୍ତ ବାରିକ, ଅଭୟ ମହାନ୍ତି, ସୁଦାମ ଚରଣ ରାଉତ, କାହ୍ନୁଚରଣ ସାହୁ, ଲକ୍ଷ୍ମୀଧର ବାରିକ, ଅକ୍ଷୟ ମହାନ୍ତି, ଜଗଦୀଶ ବାରିକ ପ୍ରମୁଖ ପୂଜା ପରିଚାଳନାରେ ସହାୟତା କରୁଛନ୍ତି। ମ୍‌ଦାମୋଦର ସାହୁଙ୍କ ଉଦ୍ୟମରେ ପ୍ରଥମେ ପୂଜା ଏକ ଝାଟିମାଟି ଘରେ ଆରମ୍ଭ ହୋଇଥିଲା।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍ତା ସମ୍ବର୍ଦ୍ଧନୀ ସମ୍ମିଳନୀ

**ଭୋଗରାଇ, ୩୧।୧୦(ଡି.ଏନ.ଏ.)**

ଭୋଗରାଇ ବ୍ଲକ ଜଳସୋହରିଆ ପାନ ଅଡ଼ତ୍ ପରିସରରେ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଜନ୍ମ ମହାମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି ମହୋତ୍ସବରେ ଜାଗରଣୀ ନହବତ, ପ୍ରଭାତଫେରି, ସଂକୀର୍ତ୍ତନ, ସମବେତ ବିନିତ ପ୍ରାର୍ଥନା, ବାଣୀଗ୍ରନ୍ଥାଦି ପାଠ, ଆର୍ଯ୍ୟକୃଷ୍ଟି ପତାକା ଉତ୍ତୋଳନ, ବୋଧବିକ୍ଷଣୀ ସଭା, ମାତୃ ସମ୍ମିଳନୀ, କର୍ମୀ ସମ୍ମିଳନୀ, ଭକ୍ତିଗୀତ, ସତ୍‌ସଙ୍ଗ ଅଧିବେଶନ ଆଦି ଧର୍ମୀୟ କାର୍ଯ୍ୟ ସମାପନ ହୋଇଥିଲା। ଭାଗବତ ଐକ୍ୟ ବିଧାୟନୀ ମଞ୍ଚ ଆନୁକୂଲ୍ୟରେ ୨୩ତମ ସତ୍ତା ସମ୍ବର୍ଦ୍ଧନୀ ସମ୍ମିଳନୀରେ ଶ୍ରୀ ଠାକୁରଙ୍କ ପୌତ୍ର ପୂଜ୍ୟପାଦ ବିଦ୍ୟୁତ୍ ରଞ୍ଜନ ଚକ୍ରବର୍ତ୍ତୀ ଦେୟଘରରୁ ଆଗମନ କରି ଶିଷ୍ୟମାନଙ୍କୁ ସାରଗର୍ଭକ ବାଣୀ ପ୍ରକାଶ କରିଥିଲେ। ପ୍ରାଥମିକସ୍ତରରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ୍, ଭକ୍ତିସଙ୍ଗୀତ, ଚିତ୍ରାଙ୍କନ, ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ରିତ୍ୱିକ ମୁକେଶ ଶ୍ରୀବାସ୍ତବମ୍, ପରେଶ ଚନ୍ଦ୍ର ପାତ୍ର, ବ୍ରଜଗୋପାଳ ଦାସ, ଡା. ଉମେଶ ଚନ୍ଦ୍ର ପାତ୍ର, ମଧୁସୂଦନ ଦାଶ, ଗୋପାଳ ଚନ୍ଦ୍ର ସାହୁ, କୃତ୍ତିବାସ ସାହୁ, ରାଧାକାନ୍ତ ପ୍ରଧାନ, ହରେନ୍ଦ୍ର ନାଥ ସାହୁ ପ୍ରମୁଖ ବହୁ ଶିଷ୍ୟ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ନୀତି, ଆଦର୍ଶ, ଅଲୌକିକ ପ୍ରତିଭା, ଭଗବତ ଜୀବନର ବିଶଦ ଆଲୋଚନା କରିଥିଲେ। ପ୍ରସାଦସେବନ ଓ ଭକ୍ତି ସଙ୍ଗୀତ ମଧ୍ୟରେ ସତ୍ତା ସମ୍ବର୍ଦ୍ଧନୀ ସମ୍ମିଳନୀ ଶେଷ ହୋଇଥିଲା। ଏହି ସମ୍ମିଳନୀରେ ପଶ୍ଚିମବଙ୍ଗ ଓ ବାଲେଶ୍ୱର, ମୟୂରଭଞ୍ଜ ଜିଲାରୁ ବହୁ ଶିଷ୍ୟ ଯୋଗ ଦେଇଥିଲେ।

## ୨୨ ପରିବାର ପାଇଛନ୍ତି ଶହେଦିନର କାମ

**ଖଇରା,୩୦।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନଆରଜିଏସ) ଅଧୀନରେ ହୋଇଥିବା କାର୍ଯ୍ୟ ଓ ଭତ୍ତା ପ୍ରଦାନ ସମ୍ପର୍କରେ ଜନଶୁଣାଣି ଶିବିର ବୁଧବାର ଖଇରା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ନିଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା,ବିଡିଓ ମହେଶ ଚୌଧୁରୀ,ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ,ସହକାରୀ ଯନ୍ତ୍ରୀ ବିଜୟଲକ୍ଷ୍ମୀ ଟୁଡୁ ,ବିପିଏମ ସ୍ୱପ୍ନା ଦାସ,ସୋର ରେଞ୍ଜର ବବିତା ସୋରେନ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଏପ୍ରିଲ ୧ରୁ ଅକ୍ଟୋବର ୩୦ପର୍ଯ୍ୟନ୍ତ କରାଯାଇଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରାଯିବା ସହ ହିତାଧିକାରୀଙ୍କ ଅଭିଯୋଗର ଶୁଣାଣି କରାଯାଇଥିଲା। ବିଭାଗୀୟ ଅଧିକାରୀ ସ୍ୱାଗତିକା ଧଳ ୩୭ ପଞ୍ଚାୟତର କାର୍ଯ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଏହି ସମୟ ମଧ୍ୟରେ ୧ଲକ୍ଷ ୪୫ହଜାର ୩୦୧ ଶ୍ରମ ଦିବସ ସୃଷ୍ଟି କରାଯିବା ସହ ୪ହଜାର ୮୨୪ଟି ପ୍ରକଳ୍ପ ଶେଷ ହୋଇଥବବାରୁ ଧାର୍ଯ୍ୟ ଲକ୍ଷ୍ୟର ୯୦ପ୍ରତିଶତ ପୂରଣ ହୋଇଥିବା କୁହାଯାଇଥିଲା। ବ୍ଲକରେ ମାତ୍ର ୨୨ ପରିବାର ଶହେ ଦିନର କାମ ପାଇଥିବାରଏକ ନୈରାଶ୍ୟଜନକ ଚିତ୍ର ପଦାକୁ ଆସିଥିଲା।




ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ।

ଏହି ପରିପ୍ରେକ୍ଷୀରେ ୨୩ ପଞ୍ଚାୟତରେ ଜିଆରଏସ ପଦବୀ ଖାଲି ଥିବାରୁ କାର୍ଯ୍ୟରେ ଅଗ୍ରଗତି ହୋଇ ପାରୁ ନ ଥିବା ସଫେଇ ଦିଆଯାଇଥିଲା। ୧୪ଜଣ ଜିଆରଏସଙ୍କ ମଧ୍ୟରୁ ମାତ୍ର ୭ଜଣ ଗୃହରେ ଉପସ୍ଥିତ ଥିବା ନେଇ ବର୍ତ୍ତନା ପଞ୍ଚାୟତ ସମିତିସଭ୍ୟ ରଘୁନାଥ ପଣ୍ଡା ପ୍ରଶ୍ନ ଉଠାଇଥିଲେ। ଏଭଳି ଅନୁପସ୍ଥିତି ନେଇ ଉପଜିଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସାମାଜିକ ସହାୟତା ଯୋଜନା ଆଲୋଚନା ବେଳେ ଲୋକପ୍ରତିନିଧିମାନେ ପଚାରିଥିବା ପ୍ରଶ୍ନର ଉତ୍ତର ଅଧିକାରୀଙ୍କଠାରୁ ପାଇ ପାରି ନଥିଲେ। ସେହିଭଳି ଅନେକ ବୃଦ୍ଧାବୃଦ୍ଧ ଭତ୍ତାରୁ ବଞ୍ଚିତ ଥିବା ନେଇ ଅଭିଯୋଗ କରାଯାଇଥିଲା। ଅମରିଆ ପଞ୍ଚାୟତରେ ଜଣେ ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ଉଠାଯାଉଥିବା ନେଇ ଭିଲେଜ ରିସୋର୍ସ ପର୍ସନ ଅଭଯୋଗ କରିଥିଲେ। ଜନଶୁଣାଣି କମିଟି ସଭ୍ୟ ପ୍ରଫେସର ଉମେଶ ଚନ୍ଦ୍ର ନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୨ ଗିରଫ

ଖୁଣ୍ଟା,୩୧।୧୦(ଡି.ଏନ୍.ଏ.) : ଖୁଣ୍ଟା ଓ ଉଦଳା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨ ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଖୁଣ୍ଟା ଥାନା ଅଧୀନ ଟାଙ୍ଗଣା ଗ୍ରାମର ଜୟନ୍ତୀ ଚୌଧୁରୀ ଓ ଉଦଳା ଥାନା ଅନ୍ତର୍ଗତ ନୁଦଡିହା ଗ୍ରାମର ସଞ୍ଜୀବ ବେହେରା। ଜୟନ୍ତୀଙ୍କଠାରୁ ୧୦ ଲିଟର ଦେଶୀ ମଦ ଓ ସଞ୍ଜୀବଙ୍କଠାରୁ ୮ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଉଦଳା ଓ ଖୁଣ୍ଟା ଦାୟିତ୍ୱରେ ଥିବା ଅବକାରୀ ଅଧିକାରୀ ସଚିନ ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

### ଜାତୀୟ ଏକତା ଦିବସ

ଚିତ୍ରଡ଼ା,୩୧।୧୦(ଡି.ଏନ୍.ଏ.): ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ମହାବିଦ୍ୟାଳୟ ପରିସରରେ ଏନଏସଏସ ତରଫରୁ ଗୁରୁବାର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ୍ନ କୁମାର ଜେନା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ କଲେଜର ଓଡ଼ିଆ ସମ୍ମାନ ବିଭାଗର ଅଧାପକ ନିଶିକାନ୍ତ ଗିରି ଏବଂ ସମ୍ମାନନୀୟ ଅତିଥି ଭାବରେ ପ୍ରଭାସ ଚନ୍ଦ୍ର ଗିରି ଉପସ୍ଥିତ ରହି ପିଲାମାନଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ମହତ ଉଦ୍ଦେଶ୍ୟ ସମ୍ପର୍କରେ ଜଣାଇଥିଲେ।

### ଭାଗବତ ପାରାୟଣ ଉତ୍ସବ

କପ୍ତିପଦା,୩୧।୧୦(ଡି.ଏନ.ଏ)- କପ୍ତିପଦା ବ୍ଲକ ଅଧୀନ ପେଡ଼ାଗଡ଼ି ଗ୍ରାମରେ ସାପ୍ତାହିକ ଭାଗବତ ପରାୟଣ ଉତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଶ୍ରୀଶ୍ରୀ ରଘୁନାଥ ଜୀଉ ଭାଗବତ ଗାଦିଠାରୁ ବାସୁଦେବଙ୍କ ପ୍ରତିମୂର୍ତ୍ତିକୁ ଏକ ବିମାନ ଯୋଗେ ଉତ୍ସବସ୍ଥଳକୁ ଅଣାଯାଇଥିଲା । ଏକ ବିରାଟ ଶୋଭାଯାତ୍ରରେ କାଳନଦୀରୁ ଘଟ ଉତ୍ତୋଳନ କରାଯାଇଥିଲା । ରଙ୍ଗ ବେରଙ୍ଗର ଆଲୋକମାଳାରେ ଗ୍ରାମକୁ ସୁସଜ୍ଜିତ କରାଯାଇଥିବା ବେଳେ ଦିନ ତମାମ ଭାଗବତ ପାଠ ସହିତ ଭଜନ ସମାରୋହ, ପ୍ରବଚନ କାର୍ଯ୍ୟକ୍ରମ ଚାଲୁ ରହିଥିବା କମିଟି ସୂତ୍ରରୁ ଜଣାଯାଇଛି । ଶ୍ରଦ୍ଧାଳୁଙ୍କ ପାଇଁ କମିଟି ପକ୍ଷରୁ ପ୍ରସାଦ ବ୍ୟବସ୍ଥା ମଧ କରାଯାଇଥିଲା ।

### ସହର କଂଗ୍ରେସ ତରଫରୁ ବଳିଦାନ ଦିବସ

ବାରିପଦା ଅଫିସ,୩୧।୧୦- ବାରିପଦା ସହର କଂଗ୍ରେସ ତରଫରୁ ସଭାପତି ବିଜୟ କୁମାର ସିଂଙ୍କ ପୌରୋହିତ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୪୫ ତମ ଶ୍ରାଦ୍ଧ ବାର୍ଷିକୀକୁ ବଳିଦାନ ଦିବସ ଭାବେ ପାଳନ କରାଯାଇଛି। ପାଳବଣି ଗୋଲେଇସ୍ଥିତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଶୋକ କୁମାର ଗିରି, ନିରୋଜ ଲୋଚନ ଦାସ, ପ୍ରଦୀପ ବେହେରା, ପ୍ରଦୀପ କୁମାର ମିଶ୍ର, ଜଗନ୍ନାଥ ପରିଡ଼ା, ଦେବାଶିଷ ଦେ, ଚୈତନ୍ୟ ମାଝୀ, ମହିଳା କଂଗ୍ରେସର ଇତିଶ୍ରୀ ମିଶ୍ର, ରଶ୍ମିତା ମିଶ୍ର, ଶୁଭସ୍ମିତା ବେହେରା, ଦୀପ୍ତିପ୍ରଭା ବିଶୋଇ ଏବଂ ଅନ୍ୟ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

### ବିଶ୍ୱ ମିତବ୍ୟୟିତା ଦିବସ

ବାରିପଦା ଅଫିସ,୩୧।୧୦: ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାକୁ ମୟୂରଭଞ୍ଜ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଅଭୟ ରଞ୍ଜନ ନାୟକ, ସମ୍ପୃକ୍ତ ବିଭାଗର କର୍ମଚାରୀ ଏବଂ ଜିଲାର ବିଭିନ୍ନ ଅଞ୍ଚଳର ସ୍ୱଳ୍ପ ସଞ୍ଚୟ ପ୍ରତିନିଧି ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ। ୩୧ ଅକ୍ଟୋବରରୁ ୧୪ ନଭେମ୍ବର ପର୍ଯ୍ୟନ୍ତ ସ୍ୱଳ୍ପ ସଞ୍ଚୟ ପକ୍ଷ ପାଳନ ଅବସରରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ସ୍ୱଳ୍ପ ସଞ୍ଚୟ ଯୋଜନା ସମ୍ପର୍କରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ପ୍ରତିଯୋଗିତା ଏବଂ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ପ୍ରଚାରପତ୍ର ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯାଉଛି।

# ଆଜି ଖୋଲିବ ଶିମିଳିପାଳ

ବାରିପଦା ଅଫିସ,୩୧।୧୦


ବରେହିପାଣି ଜଳପ୍ରପାତ।

- ପିଠାବଟା ଓ କାଳିଆଣି ଦେଇ ପ୍ରବେଶ କରିବେ ପର୍ଯ୍ୟଟକ
- ପର୍ଯ୍ୟଟକ ଓ ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ଗୁରୁତ୍ୱ- କର୍ତ୍ତୃପକ୍ଷ

ପର୍ଯ୍ୟଟକମାନଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟ ଶୁକ୍ରବାରଠାରୁ ଖୋଲିବ। ପ୍ରାକୃତିକ ଦୃଶ୍ୟରାଜି ସହ ଜଳପ୍ରପାତର ମଜା ନେବେ ପର୍ଯ୍ୟଟକ। ବର୍ଷା କାରଣରୁ ପ୍ରତିବର୍ଷ ଜୁନ ୧୬ ତାରିଖରୁ ବନ୍ଦ ରହୁଥିବା ଏହି ଅଭୟାରଣ୍ୟ ନଭେମ୍ବର ପହିଲାରେ ଖୋଲିଥାଏ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପକ୍ଷେତ୍ର ନିର୍ଦ୍ଦେଶକ ଯଜ୍ଞଦତ୍ତ ପତି ସୂଚନା ଦେଇଛନ୍ତି। ଏହା ସହିତ ଶିମିଳିପାଳରେ ସମସ୍ତ ରାସ୍ତାଘାଟ ଠିକ ଥିବାବେଳେ ପର୍ଯ୍ୟଟକ ଓ ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି ବୋଲି ମଧ ସେ କହିଛନ୍ତି। ପର୍ଯ୍ୟଟକମାନେ ପିଠାବଟା (ଲୁଲୁଙ୍ଗ) ଓ କାଳିଆଣି (ଯଶିପୁର) ଗେଟ୍ ଦେଇ ଭିତରକୁ ପ୍ରବେଶ କରିବେ। ଉପରୋକ୍ତ ଦୁଇ ଗେଟ୍‌ରେ ସକାଳ ୬ ଟାରୁ ୯ ଟା ପର୍ଯ୍ୟନ୍ତ ଭିତରକୁ ପ୍ରବେଶ ପାଇଁ ଅନୁମତି ପତ୍ର ଉପଲବ୍ଧ ହେବ। ସେଠାରେ ପର୍ଯ୍ୟଟକଙ୍କ ଯାନ ଓ ଜିନିଷପତ୍ରକୁ ଯାଞ୍ଚ କରାଯିବ। ଦୈନିକ କାଳିଆଣି (ଯଶିପୁର) ଗେଟ୍‌ରେ ୩୫ଟି ଚାରି ଚକିଆ ଗାଡ଼ି ଏବଂ ପିଠାବଟା ଗେଟ୍‌ରେ ୨୫ଟି ଗାଡ଼ି ପ୍ରବେଶ ପାଇଁ ଅନୁମତି ଦିଆଯିବ। ସେହିପରି ପ୍ରବେଶ କରିବା ପୂର୍ବରୁ ପର୍ଯ୍ୟଟକମାନେ ପ୍ରଚଳିତ ନିୟମାବଳୀ ପାଳନ ନିମନ୍ତେ ଲିଖିତନାମା ଦେବେ। ଅପରାହ୍ନ ୩ ଟା ପୂର୍ବରୁ ଯୋରନ୍ଦ ଓ ବରେହିପାଣି ଜଳପ୍ରପାତ ଏବଂ ଅପରାହ୍ନ ୪ଟା ସୁଦ୍ଧା ଚହଲା ସ୍ଥାନକୁ ପର୍ଯ୍ୟଟକଙ୍କୁ ଛାଡିବାକୁ ହେବ। ତେବେ କୌଣସି କାରଣବଶତଃ ଅଭୟାରଣ୍ୟରେ ପର୍ଯ୍ୟଟକଙ୍କ ଯାନ ଖରାପ ହେଲେ ସେମାନଙ୍କୁ ବାରିପଦା କିମ୍ବା ଯଶିପୁର ସ୍ଥାନାନ୍ତରିତ କରିବା ପାଇଁ ଅଗ୍ରିମ ଭାବେ ୪ ହଜାର ଟଙ୍କା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କଠାରେ ପଇଠ କରିବେ। ପର୍ଯ୍ୟଟକମାନେ ପ୍ରତି ଗାଡିରେ ଜଣେ ଗାଇଡ ନେବା ବାଧ୍ୟତାମୂଳକ। ଅଭୟାରଣ୍ୟର କୁମାରୀ, ଗୁଡୁଗୁଡିଆ, ରାମତୀର୍ଥ ଓ ଜାମୁଆଣିରେ ଥିବା ଯାତ୍ରୀ ନିବାସ ଗୁଡିକରେ ରହିବାକୁ ହେଲେ ପର୍ଯ୍ୟଟକମାନଙ୍କୁ ୱେବ ସାଇଟରେ(ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ଇକୋଟୁର ଓଡ଼ିଶା.କମ) ଅଗ୍ରିମ ଆରକ୍ଷଣ କରିବାକୁ ହେବ। ପର୍ଯ୍ୟଟକଙ୍କୁ ନେଇଯାଇଥିବା କୌଣସି ଯାନ ଦ୍ୱିତୀୟ ଥର ପାଇଁ ନିୟମାବଳୀ ଉଲ୍ଲଂଘନ କଲେ ସେହି ଯାନକୁ ଭବିଷ୍ୟତରେ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ। ପର୍ଯ୍ୟଟକମାନେ ସେମାନଙ୍କ ଫେରନ୍ତା ଯାତ୍ରା ଏପରି ଭାବେ ପ୍ରସ୍ତୁତ କରିବେ ଯେଭଳି ସନ୍ଧ୍ୟା ୫ଟା ସୁଦ୍ଧା ପିଠାବଟା, ତୁଳସୀବଣି ଓ କାଳିଆଣି ତନଖି ଫାଟକ ଅତିକ୍ରମ କରିବେ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପକ୍ଷେତ୍ର ନିର୍ଦ୍ଦେଶକ ପତି ସୂଚନା ଦେଇଛନ୍ତି।

# ଗୋଟିଏ ଦିନରେ ୪ ବଳାତ୍କାର ମାମଲା

ବାରିପଦା ଅଫିସ/ରାଇରଙ୍ଗପୁର, ୩୧।୧୦(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲାର ବିଭିନ୍ନ ଥାନାରେ ଗୋଟିଏ ଦିନରେ ୪ଟି ବଳାତ୍କାର ମାମଲା ରୁଜୁ ହୋଇଛି। ବୁଧବାର ଠାକୁରମୁଣ୍ଡା, କରଞ୍ଜିଆ, ଗୋରୁମହିଷାଣି ଓ ଝାରପୋଖରିଆ ଥାନାରେ ଗୋଟିଏ ଲେଖାଏଁ ମାମଲା ରୁଜୁ ହୋଇଛି। ଏନେଇ ଏସପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ସୂଚନା ଦେଇଛନ୍ତି। ଠାକୁରମୁଣ୍ଡା ଥାନା ଅଧୀନ ଏକ ଗ୍ରାମରେ ଘରେ କେହି ନ ଥିବା ସୁଯୋଗ ନେଇ ଡୁରି ହୋ ନାମକ ଜଣେ ଯୁବକ ଜନୈକା ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୬୯/୧୯) ରୁଜୁ କରିଛି। ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରି ନାହିଁ। କରଞ୍ଜିଆ ଥାନାରେ ରୁଜୁ ହୋଇଥିବା ମାମଲା (ନଂ.୧୫୬/୧୯) ଅନୁଯାୟୀ କରଞ୍ଜିଆ ଏନଏସିରେ ସୁପରଭାଇଜର ଭାବେ କାର୍ଯ୍ୟରତ କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳର କୁମାରସାନୁ କରୁଆ ନାମକ ଜଣେ ଯୁବକଙ୍କ ସହ ଜନୈକା ୧୩ ବର୍ଷିୟା ନାବାଳିକାଙ୍କ ପ୍ରେମ ସମ୍ପର୍କ ଥିଲା। ନାବାଳିକାଙ୍କ ଘରେ କେହି ନ ଥିବା ବେଳେ ଉଭୟଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ଗଢ଼ି ଉଠିଥିଲା। ଏନେଇ ନାବାଳିକା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ଏହି ମାମଲାରେ ଅଭିଯୁକ୍ତ କରୁଆଙ୍କୁ ପୋଲିସ ଅଟକ ରଖିଛି। ଗୋରୁମହିଷାଣୀ ଥାନାରେ ରୁଜୁ ହୋଇଥିବା ମାମଲା (ନଂ.୪୭/୧୯) ଅନୁସାରେ ଏହି ଥାନା ଅଧୀନସ୍ଥ ଜଣେ ୧୩ ବର୍ଷିୟା ନାବାଳିକାଙ୍କ ସହିତ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ କରକଚିଆ ଗ୍ରାମର ପିର୍ଥି ମୁର୍ମୁଙ୍କ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ତେବେ ପିର୍ଥି ଜଣେ ବିବାହିତ ପୁରୁଷ ହୋଇଥିବା ବେଳେ ତାଙ୍କର ଗୋଟିଏ ପିଲା ମଧ ରହିଛି। ଏନେଇ ନାବାଳିକା ଜାଣିବା ପରେ ତାଙ୍କୁ ବିରୋଧ କରି ସମ୍ପର୍କ କାଟି ଦେଇଥିଲେ। ପରେ ପିର୍ଥି ତାଙ୍କୁ ଜୋରଦବରଦସ୍ତ ବଳାତ୍କାର କରିବା ସହିତ ଏନେଇ କାହାରି ନ ଜଣାଇବାକୁ କହି ହତ୍ୟା ଧମକ ଦେଇଥିଲେ। ଏହି ମାମଲାରେ ପିର୍ଥିଙ୍କୁ ପୋଲିସ ଗିରଫ କରିଛି। ସେହିପରି ଝାରପୋଖରିଆ ଥାନାରେ ରୁଜୁ ହୋଇଥିବା ମାମଲା (ନଂ.୧୨୫/୧୯) ଅନୁଯାୟୀ ଏହି ଥାନା ଅଧୀନ ଜଣେ ଯୁବତୀ ଏକ କଲେଜରେ ଅଧାପିକା ଅଛନ୍ତି। ଗତ ୨୬ ତାରିଖରେ କେନ୍ଦୁଝର ସ୍ଥିତ ତାଙ୍କ ଭାଉଜଙ୍କ ଘରକୁ ଯାଇଥିଲେ। ସେହି ଦିନ ରାତିରେ ତାଙ୍କ ଭାଉଜଙ୍କ ଭାଇ ଶ୍ୟାମରଞ୍ଜନ ସାହୁ ତାଙ୍କ ଶୋଇବା ଘରକୁ ଆସି ବଳାତ୍କାର କରିଥିଲେ। ଏହି ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ'

ବାରିପଦା ଅଫିସ,୩୧।୧୦

ପ୍ରତ୍ୟେକ ଶିଶୁଙ୍କ ଠାରେ କିଛି ପ୍ରତିଭା ଲୁଚି ରହିଥାଏ। ଏହି ପ୍ରତିଭାକୁ ପ୍ରସ୍ଫୁଟିତ କରିବା ପାଇଁ ଶିଶୁଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀଙ୍କୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମହକ–୨୦୧୯ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ସଭାଗୃହରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାର ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଭା ଅନ୍ୱେଷଣ ବାଦ୍ୟ (ଜୁନିୟର)ରେ ସ୍ନେହା ଭବନର ସୀମା ଧାଙ୍ଗୁଡିଆ, କବିତା ପାଠ (ଜୁନିୟର)ରେ ସ୍ନେହା ଭବନର ନମିତା ପୂର୍ତ୍ତି ଏବଂ ସିନିୟର ବିଭାଗରେ ଆଦୃତା ସଦନର ରାଧୁ ସୋରେନ, କମେଡି (ଜୁନିୟର)ରେ ଆଦୃତା ଶିଶୁ ସଦନର ରବୀନ୍ଦ୍ର ହାଁସଦା ଓ ସିନିୟର ବିଭାଗରେ ମା ମଙ୍ଗଳା ବାଳାଶ୍ରମର ଗୁରୁ ପ୍ରସାଦ ମୁର୍ମୁ, ଏକକ ଅଭିନୟ (ଜୁନିୟର)ରେ ଡିଭାଇନ ଓମକାର ସେବାଶ୍ରମର ଟୁରୀ ଡାଙ୍ଗ ଓ ସିନିୟର ବିଭାଗରେ ଆଦୃତା ଶିଶୁ ସଦନର ରାମଜିତ ଲୋହାର ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଏକକ ସଂଗୀତ(ଜୁନିୟର)ରେ ଡିଭାଇନ ଓମକାର ସେବାଶ୍ରମର ନାନୀ ମୁଣ୍ଡା ପ୍ରଥମ, ଗୋପବନ୍ଧୁ ବାଳାଶ୍ରମର ରୁନୀ ସିଂ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଗ୍ରୁପ ନୃତ୍ୟରେ ଆଦୃତା ଶିଶୁ ସଦନ ପ୍ରଥମ ଏବଂ ଆରଡିଏସି ଶିଶ ଯତ୍ନ ଅନୁଷ୍ଠାନ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। କୃତୀ ପ୍ରତିଯୋଗୀମାନେ ଆଞ୍ଚଳିକସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବେ। ସେଠାରେ କୃତକାର୍ଯ୍ୟ ହାସଲ କରିଥିବା ପ୍ରତିଯୋଗୀମାନେ ନଭେମ୍ବର ୧୪ ତାରିଖରେ ରାଜ୍ୟସ୍ତରୀୟ ମହକ–୨୦୧୯ରେ ଅଂଶ ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଜିଲା ଆଇନ ସେବା ପ୍ରାଧୀକରଣର ସଚିବ ସ୍ମୃତିରଞ୍ଜନ ମହାପାତ୍ର, ଜିଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା କୃଷ୍ଣକଳ୍ପନା ମହାନ୍ତି, ଜୀବନ କୃଷ୍ଣ ବେହେରା ପ୍ରମୁଖ ଅତିଥିଭାବେ ଯୋଗ ନେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର କାଉନସିଲର ଦିଲ୍ଲୀପ କୁମାର ପଣ୍ଡା, ଆଇନ ପ୍ରବେଶନ ଅଧିକାରିଣୀ ବବିତା ସାହୁ, ମଧୁସୂଦନ ରଥ, ବ୍ରଜ କିଶୋର ଖୁଣ୍ଟିଆ, ଚନ୍ଦ୍ରଶେଖର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭାଜପାର ଗାନ୍ଧୀ ସଂକଳ୍ପ ପଦଯାତ୍ରା

ଚିତ୍ରଡ଼ା,୩୧।୧୦(ଡି.ଏନ୍.ଏ.)

ମୋରଡ଼ା ବ୍ଲକ ଭାଜପା ସଭାପତି ନେତ୍ରାନନ୍ଦ ଦାସଙ୍କ ନେତୃତ୍ୱରେ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଗୁରୁବାର ଚିତ୍ରଡାସ୍ଥିତ ଜଗନ୍ନାଥ ମନ୍ଦିର ନିକଟରୁ ଗାନ୍ଧୀ ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ଶତାଧିକ କର୍ମୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମପି ଇଂ ବିଶେଶ୍ୱର ଟୁଡୁ, ଉଦଳା ବିଧାୟକ ଭାସ୍କର ମଢେଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକୋଣା ବିଧାୟକ ବୁଡାନ ମୁର୍ମୁ, ଜିଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ମୋଦି, ରାଜ୍ୟ ଓବିସି ମୋର୍ଚ୍ଚାର ଉପସଭାପତି କୋମଳେନ୍ଦୁଲାଲ ମହାନ୍ତଙ୍କ ସମେତ ମୋରଡ଼ା ନିର୍ବାଚନ ମଣ୍ଡଳୀର ସମସ୍ତ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଲାଇନ୍ ସଂଯୋଗ ଦାବିରେ ଧାରଣା ଚେତାବନୀ

ଯଶିପୁର,୩୧।୧୦(ଡ଼ି.ଏନ୍.ଏ)

ଯଶିପୁର ବିଦ୍ୟୁତ୍ ବିଭାଜନ ଅଧୀନରେ ଥିବା ତିଳକୁଟି ପଞ୍ଚାୟତର ରିତେଇସାହି ମୌଜାର ଆରାସାହି ଗ୍ରାମ ଝାଡ଼ଖଣ୍ଡ ସୀମାନ୍ତକୁ ଲାଗି ରହିଛି। ଜଙ୍ଗଲ ପାର୍ଶ୍ୱ ଏହି ଗ୍ରାମରେ ଅନେକ ସମୟରେ ହାତୀମାନେ ଉପଦ୍ରବ ଚଳାଇ ଥାନ୍ତି। ଏହି ଗ୍ରାମରେ ୩୨ଟି ଆଦିବାସୀ ପରିବାର ରହୁଥିଲେ ମଧ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇ ରହିଛନ୍ତି। ବିଦ୍ୟୁତ୍ ବିଭାଗ ତରଫରୁ ପ୍ରତି ଘରକୁ ତାର ସଂଯୋଗ ସହିତ ୱାରିଂ ମଧ କରାଯାଇଛି। ତେବେ ୩ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ବି ଏଠାକାର ଆଦିବାସୀମାନଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉ ନାହିଁ। ଏସମ୍ପର୍କରେ ସାହିବାସିନ୍ଦା ଏବଂ ତିଳକୁଟି ସରପଞ୍ଚ ବାରମ୍ବାର ବିଦ୍ୟୁତ୍ ବିଭାଗକୁ ଲିଖିତ ଓ ମୌଖିକ ଭାବେ ଜଣାଇ ଆସୁଥିଲେ ମଧ କୌଣସି ସୁଫଳ ମିଳୁ ନାହିଁ। ତେବେ ୩ ଦିନ ମଧ୍ୟରେ ବିଦ୍ୟୁତ୍ ସଂଯୋଗ ଦିଆ ନ ଗଲେ ଯଶିପୁର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ସରପଞ୍ଚ ମିନୁ ଚାତାର ଧାରଣାରେ ବସିବେ ବୋଲି ଚେତାବନୀ ଦେଇଥିବା ଜଣାପଡ଼ିଛି।

# ବହଳଦାରେ ଶିଶୁ ମହୋତ୍ସବ ସୁରଭି

ବହଳଦା,୩୧।୧୦(ଡି.ଏନ୍.ଏ.)



ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବହଳଦା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଦିବାକର ମାଝି ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧୀନ ୧୦ଟି କ୍ଲଷ୍ଟରରୁ ଜୁନିୟର ଓ ସିନିୟର ବିଭାଗରେ ମୋଟ ୨୭୦ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ ଦେଇଥିଲେ। ଜୁନିୟର ବିଭାଗରେ ୭ ଓ ସିନିୟର ବିଭାଗରେ ୯ ଜଣ ପ୍ରଥମ ହୋଇଥିବା କୃତୀ ପ୍ରତିଯୋଗୀମାନେ ଆସନ୍ତା ୭ତାରିଖରେ ବାରିପଦାଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ଉତ୍ସବରେ ଭାଗନେବେ। ଶିକ୍ଷାଅଧିକାରୀ ଭୂତନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୁଃଖୁ ହେମ୍ବ୍ରମ, ଜିଲା ପରିଷଦ ସଭ୍ୟ ସୁନୀଲ ମହାନ୍ତ,ସାମାଜିକ କର୍ମୀ ଅଶୋକ ରାଉତ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି, ବହଳଦା ତହସିଲଦାର, ବିଡିଓ ଧନଞ୍ଜୟ ମାଝି ପ୍ରମୁଖ ଯୋଗ ଦେଇଥିଲେ। ହେମନ୍ତ ମହାନ୍ତ, ହେମନ୍ତ ମହାନ୍ତି, ସୁରେନ୍ଦ୍ର ମହାନ୍ତ, ବାହାମଣି ମାଝିଙ୍କ ସମେତ ସିଆରସିସିମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସିଆରସିସି ସୁବ୍ରତ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦ୍ୟାଳୟରେ ବୃକ୍ଷରୋପଣ

ଉଦଳା,୩୧।୧୦(ଡି.ଏନ୍.ଏ.)

ଉଦଳା ସେଣ୍ଟମେରୀ ବିଦ୍ୟାଳୟର ସ୍କାଉଟ ଏବଂ ଗାଇଡ୍ ବିଭାଗର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବୃକ୍ଷରୋପଣ ଓ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଶିକ୍ଷା ନିର୍ଦ୍ଦେଶକ ପ୍ରାଣକୃଷ୍ଣ ସାହୁ ଏବଂ ଅଧ୍ୟକ୍ଷ କୃତ୍ତିବାସ ଦାସ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସହଭାଗୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିବା ସଙ୍ଗେ ସଙ୍ଗେ ବୃକ୍ଷର ମାହାତ୍ମ୍ୟ ବିଷୟରେ ସବିଶେଷ ତଥ୍ୟ ଅଧ୍ୟକ୍ଷ ଏବଂ ଶିକ୍ଷା ନିର୍ଦ୍ଦେଶକ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର ଚେୟାରମ୍ୟାନ୍ ରଘୁନାଥ କର୍ମକାର କାର୍ଯ୍ୟକ୍ରମ ତଦାରଖ କରିଥିଲେ। ସ୍କାଉଟ୍ ଶିକ୍ଷକ ଜଗତାନନ୍ଦ ମହାପାତ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ ।

# କାଳୀପୂଜାରେ ଅନ୍ନବସ୍ତ୍ର ମହାଯଜ୍ଞ



ଅନ୍ନବସ୍ତ୍ର ମହାଯଜ୍ଞ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

କୋଷ୍ଠା,୩୧।୧୦(ଡି.ଏନ୍.ଏ.)

କାଳୀପୂଜା ଅବସରରେ କୋଷ୍ଠାରେ ଅନ୍ନବସ୍ତ୍ର ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଭକ୍ତମାନଙ୍କୁ ଅନ୍ନ ପ୍ରସାଦ ସହିତ ନୂତନ ବସ୍ତ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବାରିପଦାର ସେବକଶ୍ରୀ ବଲ୍ଲଭ ଚରଣ ସାହୁ, ଉଦ୍‌ଘାଟକ ଭାବେ ବିଶିଷ୍ଟ ସମାଜସେବୀ ଗିରିଶ ଚନ୍ଦ୍ର ଦାସ, ପ୍ରଭଞ୍ଜନ ରାଉତ, ମୁଖ୍ୟବକ୍ତା ଭାବେ ଶରତ ଚନ୍ଦ୍ର ନାୟକ ଯୋଗଦାନ କରିଥିଲେ। କାଳୀପୂଜା ଅନ୍ନବସ୍ତ୍ର ମହାଯଜ୍ଞ ସମିତିର ସଭାପତି ଅରୁଣ କୁମାର ଦତ୍ତ ଏଥିରେ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ ଗୋପାଳ ଦତ୍ତ, ଅଶୋକ କୁମାର ସାତୁଆ, ଉଜ୍ଜ୍ୱଳ କୁମାର ଦାସ, ୫୩ ନଂ.ଜୋନ ଜିଲା ପରିଷଦ ସଦସ୍ୟ ସୁଧୀର କୁମାର ବେହେରା, କୋଷ୍ଠା ପଞ୍ଚାୟତର ସରପଞ୍ଚ ଚନ୍ଦ୍ରମୋହନ ନାଏକ, ସମିତି ସଭ୍ୟ ହରିଶ ଚନ୍ଦ୍ର ଦତ୍ତ, ଧାନେନ୍ଦ୍ର ନାଥ ପାଣି, ଗୁଣାଧର ଦତ୍ତ, କ୍ରୀଷ୍ଣା ସିଂ, ସୁଧାଂଶୁ କୁମାର ଦତ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଦୀର୍ଘ ୪୪ ବର୍ଷର ଏହି ଅନୁଷ୍ଠାନ ମାନବ ସେବା ଭଳି ସେବା କାର୍ଯ୍ୟ ଚାଲୁ ରଖିଥିବାରୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ । ସ୍ଥାନୀୟ ବିଧାୟକ ରାଜ କିଶୋର ଦାଶଙ୍କ ସହଧର୍ମିଣୀ ପ୍ରୀତିନନ୍ଦା କାନନ୍‌ଗୋ, ନାରାୟଣ ପଟ୍ଟନାୟକ, ଭାଜପାର କୃଷ୍ଣଚନ୍ଦ୍ର ମହାପାତ୍ର, ବିଜେଡିର କୃଷ୍ଣ ଚନ୍ଦ୍ର ଦାସ ପ୍ରମୁଖ ନେତୃବୃନ୍ଦ ସଭାସ୍ଥଳରେ ଉପସ୍ଥିତ ହୋଇ ସେବା କାର୍ଯ୍ୟରେ ସହଯୋଗ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା 'ଅନ୍ନପୂର୍ଣ୍ଣା' ଉନ୍ମୋଚିତ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ସମ୍ପାଦକ ଶିଶିର କୁମାର ଚାନ୍ଦ ଜଣାଇଛନ୍ତି। ସ୍ଥାନୀୟ ବଜାରର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଦୋକାନୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦୁର୍ନୀତି ବିରୋଧରେ ଶପଥପାଠ

ଉଦଳା,୩୧।୧୦(ଡି.ଏନ୍.ଏ.)

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ କପ୍ତିପଦା ଉପଖଣ୍ଡସ୍ତରରେ ଉଦଳାଠାରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଉପଜିଲାପାଳ ଭଗବାନ ବେହେରାଙ୍କ ଅଧ୍ୟକ୍ଷତାରେ ଏହି ଶପଥ ପାଠ କରାଯାଇଥିଲା । ଆଇଟିଡିଏ କପ୍ତିପଦାର ଭାରପ୍ରାପ୍ତ ପ୍ରକଳ୍ପ ପ୍ରଶାସକ ବିଜନ କୁମାର ଅମ୍ଭା, ଉପଖଣ୍ଡ ପୋଲିସ୍ ଅଧିକାରୀ ସ୍ୱପ୍ନରଞ୍ଜନ ମହାପାତ୍ର, ସହକାରୀ ଜିଲାପାଳ ଚନ୍ଦ୍ରଜିତ୍ ବେହେରା ପ୍ରମୁଖଙ୍କ ସହିତ ଉପଖଣ୍ଡର ସମସ୍ତ ବିଡିଓ, ସିଡିପିଓ ତଥା ବିଭାଗୀୟ ଅଧିକାରୀମାନେ ଶପଥ ପାଠ କରିଥିଲେ।

# ଯୁବତୀଙ୍କୁ ଅପହରଣ, ମାମଲା ରୁଜୁ

ବଡ଼ସାହି,୩୧।୧୦(ସ୍ୱ.ପ୍ର)

ବେତନଟୀ ଥାନା ଅଞ୍ଚଳର ଜନୈକା ଯୁବତୀ ବଡ଼ସାହି ଥାନା ଅଧୀନ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଆସିଥିବାବେଳେ ତାଙ୍କୁ ଅପହରଣ କରାଯାଇଥିବା ନେଇ ବଡ଼ସାହି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୧୪୩/୧୯) ରୁଜୁ କରି ତଦନ୍ତ ଚାଲୁ ରଖିଛି ।

# ବାଇକ୍‌ରୁ ପଡ଼ି ୨ ଗୁରୁତର

ବାଙ୍ଗିରିପୋଷି,୩୧।୧୦(ଡି.ଏନ୍.ଏ.)

ବାଙ୍ଗିରିପୋଷି ଥାନା ଅନ୍ତର୍ଗତ କୁନ୍ଦୁଳିଆ ଛକ ନିକଟରେ ବାଇକ୍‌ରୁ ଖସି ପଡି ୨ ଜଣ ଗୁରୁତର ଆହତ ହୋଇଛନ୍ତି। ବଡସାହି ଥାନା ଅନ୍ତର୍ଗତ ବଇଞ୍ଚା ଗ୍ରାମର ଚୈତନ୍ୟ ସିଂ (୫୦) ଏବଂ ଛେଳିଆ(କ)ଗ୍ରାମର ଚଗୁଲୁ ସିଂ (୩୫) ଏକ ବାଇକ୍‌ରେ ବାଙ୍ଗିରିପୋଷିରୁ କୁନ୍ଦୁଳିଆ ଦେଇ ବାରିପଦା ଅଭିମୁଖେ ଯାଉଥିବା ବେଳେ କୁନ୍ଦୁଳିଆ ଛକ ନିକଟରେ ଭାରସାମ୍ୟ ହରାଇ ଖସି ପଡ଼ିଥିଲେ। ସେହି ସମୟରେ ପାଟ୍ରୋଲିଂ କରୁଥିବା ବାଙ୍ଗିରିପୋଷି ଥାନା ଏଏସଆଇ ଆଶୋକ କୁମାର ଦାଶ ଆହତ ଦ୍ୱୟଙ୍କୁ ଉଦ୍ଧାର କରି ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାରିପଦା ସ୍ଥିତ ପିଆରଏମ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି ।

# ଛାତ୍ରୀ ନିବାସ ମରାମତି ନ ହେଲେ ଆନ୍ଦୋଳନ

ବାରିପଦା ଅଫିସ,୩୧।୧୦


ଛାତ୍ରୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ମୟୂରଭଞ୍ଜ ଜିଲା ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟର ଆଦିବାସୀ ଛାତ୍ରୀ ନିବାସରେ ବହୁ ଅବ୍ୟବସ୍ଥା ଦେଖାଦେଇଛି। ୧୦୦ ଶଯ୍ୟା ବିଶିଷ୍ଟ ଏହି ଛାତ୍ରୀନିବାସର ମରାମତି ପାଇଁ କର୍ତ୍ତୃପକ୍ଷ କିମ୍ବା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ନଜର ଦେଉ ନାହାନ୍ତି। ଫଳରେ ବାଧହୋଇ ଛାତ୍ରୀ ନିବାସର ଏକ ପ୍ରତିନିଧି ଦଳ ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବିଜନ କୁମାର ଅମ୍ଭଙ୍କୁ ସାକ୍ଷାତ କରି ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ଛାତ୍ରୀ ନିବାସରେ ନଳକୂଅ, ପାଣି ଟାଙ୍କି, ଅତିରିକ୍ତ ଶୌଚାଳୟର ଆବଶ୍ୟକତା ଥିବାବେଳେ ସମସ୍ତ କୋଠରିର କବାଟ, ଝରକା, କାଛ ଆଦି ନଷ୍ଟ ହୋଇ ଗଲାଣି। ଏହା ସହିତ ଛାତ୍ରୀ ନିବାସ କୋଠାର ରଙ୍ଗମରା କାର୍ଯ୍ୟ କରିବାକୁ ମଧ ସେମାନେ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ ବହୁ ହଇରାଣ ହୋଇ ଛାତ୍ରୀମାନେ ଏଠାରେ ରହୁଛନ୍ତି। ଆଗକୁ ଶୀତ ଦିନ ଥିବାରୁ ଏଠାରେ ହଇରାଣ ହୋଇ ନ ରହି ଘରକୁ କିଛି ଛାତ୍ରୀ ପଳାଉଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ମରାମତି ବ୍ୟବସ୍ଥା କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସେମାନେ ଲିଖିତ ଭାବେ ଜଣାଇଛନ୍ତି। ଏହି ପ୍ରତିନିଧି ଦଳରେ ସତ୍ୟବତୀ ଟୁଡୁ, ତିଳୋତ୍ତମା ଟୁଡୁ, ସରୋଜିନୀ ମାରାଣ୍ଡି, ଶିବାନୀ ମୁଣ୍ଡା, ସୋନାଲି ହେମ୍ବ୍ରମ ପ୍ରମୁଖଙ୍କ ସହିତ ଅନ୍ୟ ଛାତ୍ରୀମାନେ ସାମିଲ ଥିଲେ। ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ(ମାସା)ର ରାଜ୍ୟ ସଭାପତି ଶୁକଲାଲ ମାରାଣ୍ଡି ଛାତ୍ରୀମାନଙ୍କୁ ସମର୍ଥନ ଜଣାଇ ସେଠାରେ ଉପସ୍ଥିତ ରହି ଅନୁରୂପ ଦାବି କରିଛନ୍ତି।

